୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.64 Bhubaneswar Thursday April 17 2025 | ୨୭ତମ ବର୍ଷ ସଂଖ୍ୟା–୬୪ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୧୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) | Member-INS

## ପୋଲିସର ଆଭିମୁଖ୍ୟକୁ କଡ଼ା ନିନ୍ଦା; କାଲି ବିଜେଡି ପାଳିବ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ





ଭୁବନେଶ୍ୱର,୧୬।୪(ପି.ଏନ): ବଲାଙ୍ଗୀର ପାଟଣାଗଡ଼ରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଜାଳି ଦେବା ଘଟଣା। ଏହାକୁ ନେଇ ସମ୍ବଲପୁରରେ ବିଜେଡି ନେତା ରୋହିତ ପୂଜାରୀଙ୍କ ପ୍ରତିନିଧିତ୍ୱରେ ପ୍ରତିବାଦ କରାଯାଉଥିବାବେଳେ ପୋଲିସ ସରକାରୀ ଦଳର ହାତବାରିଶୀ ସାଜି ଯାହା କଲା ତାହାକୁ ଦୃଢ ଭାବେ ନିନ୍ଦା କରିଛି ବିଜେଡି। ନୂଆ ସରକାର ଆସିଲା ପରେ ବିଜୁବାବୁଙ୍କ ସମସ୍ତ ସ୍ମୃତିକୁ ଲିଭେଇଦେବା ପାଇଁ ଚେଷ୍ଟା କରାଯାଉଛି ବୋଲି କହିଛି ଦଳ। ମାର୍ଚ୍ଚ ୫ ହେଉକି ଗତକାଲିର ଘଟଣା ଯେତେବେଳେ ସମ୍ବଲପୁରରେ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ପଚ଼ରାଗଲା ସେଇଠି ପୋଲିସର ଆଭିମୁଖ୍ୟକୁ ନିନ୍ଦା କରୁଛୁ ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ସଞ୍ଜୟ ଦାସବର୍ମା। ଓଡ଼ିଶା ପୋଲିସର ଦୋମୁହାଁ ନୀତି ପଦାରେ ପଡିଛି। ପୋଲିସ ଡିଜିଙ୍କ ଅନ୍ତରାତ୍ମା ଶୋଇ ପଡ଼ିଛି। ତାକୁ କିଏ ଜଗେଇବ ବୋଲି ପ୍ରଶ୍ନ କରିଛି ବିଜେଡି । ଅନ୍ୟପଟେ କାଲି ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିବ ବିଜେଡି । ବିଜେଡି ବିଜୁବାବୁଙ୍କ ୨୮ତମ ତିରୋଧାନ ଦିବସ ପାଳିବ । ୧୪୭ଟି ନିର୍ବାଚ଼ନ ମଣ୍ଡଳୀ ଓ ଶଙ୍ଖ ଭବନରେ ତିରୋଧାନ ଦିବସ ପାଳନ ହେବ । ଓଡ଼ିଆ ଜାତି ପାଇଁ ବିଜୁଙ୍କ ଅବଦାନକୁ ସ୍ମରଣ କରାଯିବ । ନବଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚ଼ନା ହେବ । ଏହା ସହିତ ବିଜୁ ସ୍ମୃତି ମଳିନ କରିବାକୁ ନୂଆ ସରକାରଙ୍କ ଉଦ୍ୟମ କରୁଛି ବୋଲି କହିଛି ବିଜେଡି । ଗତକାଲି ସବୁ ସୀମା ଲଂଘନ କରିଗଲେ । ପାଟଣାଗଡ଼ରେ ବିଜୁଙ୍କ ପ୍ରତିମୂର୍ତ୍ତିକୁ ଜାଳିଦେଲେ । ବିରୋଧ କରିବାରୁ ସମ୍ବଲପୁରରେ ପୋଲିସର ଦମନଲୀଳା ଚ଼ାଲିଲା । ଏପରି କରି ଓଡ଼ିଶାର ସ୍ୱାଭିମାନକୁ କୁଠାରଘାତ କରାଯାଇଛି । ରାଜ୍ୟରେ ଆଇନଶୃଙ୍ଖଳା ସୃଷ୍ଟି ହେଲାଣି । ଗଣତନ୍ତ୍ରକୁ ପ୍ରତିଦିନ ହତ୍ୟା କରାଯାଉଛି ବୋଲି କହି ପ୍ରେସମିଟ୍ କରି ବର୍ଷିଛି ବିଜେଡି।

### ଆହୁରି ଶକ୍ତିଶାଳୀ ହେବ ବିଜେଡି; ପୁରୁଖା ଓ ଦକ୍ଷ ନେତାଙ୍କ ନେତୃତ୍ୱକୁ ଭରସା

ଭୁବନେଶ୍ୱର,୧୬।୪(ପି.ଏନ): ଚ଼ଳଚ଼ଞ୍ଚଳ ଶଙ୍ଖ ଭବନ। ନୂଆ ରୂପରେ ନୂଆ ଶକ୍ତି ନେଇ ପ୍ରସ୍ତୁତ ହେଉଛି ବିଜେଡି ସଂଗଠନ। ସବୁ ପ୍ରକାର ସନ୍ତୁଳନ ରକ୍ଷା କରି ଗଠିତ ହେଉଛି ବିଜେଡିର ନୂଆ ଟିମ। ବରିଷ୍ଠ, କନିଷ୍ଠ, କାର୍ଯ୍ୟଦକ୍ଷତାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହ ଆଞ୍ଚଳିକତା ଭିତ୍ତିରେ ବି ସଙ୍ଗଠନକୁ ଦିଆଯାଉଛି ନୂଆ ରୂପ। ପୁରୁଖା ଓ ଦକ୍ଷ ନେତାଙ୍କୁ କର୍ମକର୍ତ୍ତା ଭାବେ ନିଯୁକ୍ତି ଦିଆଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ୧୯ ତାରିଖ ପରେ ଶେଷ ହେବ ସଭାପତି ନିର୍ବାଚ଼ନ ପ୍ରକ୍ରିୟା। ଏହା ପରେ ବସିବ ରାଜ୍ୟ ପରିଷଦ ବୈଠକ। ରାଜ୍ୟ ସଭାପତି ଘୋଷଣା ପରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ଛାମୁଆ ସଂଗଠନ ସଭାପତିଙ୍କ ନା ଘୋଷଣା ହେବ।ଏପ୍ରିଲ ଶେଷ ସୁଦ୍ଧା ନିର୍ବାଚ଼ନ ପ୍ରକ୍ରିୟା ସାରିବାକୁ ନିର୍ବାଚ଼ନ କମିଶନ ଅନୁମତି ଦେଇଛନ୍ତି। ଗତ ୧୦ ମାସ ଭିତରେ ଜିଲ୍ଲା ନେତୃତ୍ୱଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଭେଟିବା ସହ ପରାମର୍ଶ ପରେ ଛାମୁଆ ସଂଗଠନର କୋର ଗ୍ରୁପ ଗଠନ ହୋଇଛି। ଆଗକୁ ଏହି କୋର ଗ୍ରୁପ ସହ ଆଲୋଚ଼ନା କରି ସଭାପତି ରାଜ୍ୟର ଅନ୍ୟାନ୍ୟ ସଂଗଠନର ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଦଳର ୧୮ ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଘୋଷଣା ହୋଇଛି। ସେପଟେ ଦଳକୁ ଅଧିକ ସୁଦୃଢ କରିବା ପାଇଁ ନେତୃତ୍ୱ ଓ ସଭାପତି ସମସ୍ତ ପଦକ୍ଷେପ ନେଉଥିବା କୁହାଯାଇଛି।

## ଖୁବଶୀଘ୍ର ପୂରଣ ହେବ ଏକ ହଜାର ୩୫୩ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ’



ଭୁବନେଶ୍ୱର,୧୬।୪(ପି.ଏନ): ରାଜ୍ୟରେ ବର୍ତ୍ତମାନ ଏକ ହଜାର ୩୫୩ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଖାଲି ରହିଛି । ଖୁବଶୀଘ୍ର ଏହି ପଦବୀ ପୂରଣ କରାଯିବ ବୋଲି ସୂଚ଼ନା ଦେଇଛନ୍ତି ଉଚ୍ଚ଼ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଉତ୍କଳ ବିଶ୍ୱବିଦ୍ୟାଳୟ ଏମେଣ୍ଡମେଣ୍ଟ ଧାରା ୨୦୨୪ ପାଇଁ ହୋଇଥିବା ବୈଠକ ପରେ ଏହି ସୂଚ଼ନା ଦେଇଛନ୍ତି ମନ୍ତ୍ରୀ । ଏବେ ଯେଉଁ ସଂଶୋଧନ ହୋଇଛି ଏଥିରେ ଯେଉଁ କୁଳପତିଙ୍କର ଯେଉଁ ଶଙ୍କା ଉପୁଜୁଛି ଆଜି ବୈଠକରେ ତାହାକୁ ଦୂର କରାଯାଇଛି ।ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଣୟନ ପ୍ରସଙ୍ଗରେ ମଧ୍ୟ ଆଲୋଚ଼ନ ହୋଇଛି । ଉଚ୍ଚଶିକ୍ଷା ବିଭାଗର କିଛି କମ୍ପାନୀ ସହ ମଧ୍ୟ ଆଜି ଗଡଂଟ ହୋଇଛି । ଏହାଦ୍ୱାରା ଶିକ୍ଷିତ ଯୁବକ ଏବଂ ଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ସୂଚ଼ନା ଦେଇଛନ୍ତି ମନ୍ତ୍ରୀ ।

## ଦେଶରେ ପ୍ରଥମ: ଟ୍ରେନରେ ଏଟିଏମ୍

ଟ୍ରେନ ଯାତ୍ରା ବେଳେ ଅନେକ ଲୋକ ଇଣ୍ଟରନେଟ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଯାତ୍ରା ବେଳେ କୌଣସି ଖାଇବା ଜିନିଷ କିଣିବା ବେଳେ ଡିଜିଟାଲ ପେମେଣ୍ଟରେ ସମସ୍ୟା ଦେଖାଯାଏ। ଅନେକ ସମୟରେ ନଗଦ ଟଙ୍କାର ଆବଶ୍ୟକ ପଡୁଥିବା ବେଳେ ଯାତ୍ରୀମାନେ ଏଥିଯୋଗୁ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ବିଶେଷ କରି ଦୂର ରାସ୍ତାକୁ ଯାତ୍ରା କରିବା ବେଳେ ଏପରି ସମସ୍ୟା ଅଧିକ ଦେଖାଯାଏ। କିନ୍ତୁ ଏବେ ଆଉ ଏହି ସମସ୍ୟା ରହିବ ନାହିଁ। କାରଣ ଟ୍ରେନ ଯାତ୍ରା ବେଳେ ମଧ୍ୟ ଯାତ୍ରୀମାନେ ଏଟିଏମରୁ ଟଙ୍କା ଉଠାଣ କରିପାରିବେ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ଭାରତ ଇତିହାସରେ ଏପରି ଘଟଣା ଘଟିଛି। ପ୍ରଥମଥର ପାଇଁ ଟ୍ରେନରେ ଏଟିଏମ ଖଞ୍ଜା ଯାଇଛି। ମୁମ୍ବାଇ-ମନମାଦ ପଞ୍ଚବଟି ଏକ୍ସପ୍ରେସରେ ପ୍ରଥମଥର ପାଇଁ ଏଟିଏମ ଇନଷ୍ଟଲ କରାଯାଇଛି। ଏହି ଏଟିଏମରୁ ଲୋକମାନେ ନଗଦ ଟଙ୍କା ମଧ୍ୟ ଯାତ୍ରା ବେଳେ ଉଠାଇ ପାରିବେ।

## ରାଜଧାନୀରେ ବ୍ୟାପିଛି ଝାଡ଼ାବାନ୍ତି; ଆକ୍ରାନ୍ତ ହୋଇଛନ୍ତି ୧୦୦ରୁ ଅଧିକ ଲୋକେ



ଭୁବନେଶ୍ୱର,୧୬।୪(ପି.ଏନ): ରାଜଧାନୀରେ ବ୍ୟାପିଛି ଝାଡ଼ାବାନ୍ତି। ଆକ୍ରାନ୍ତ ହୋଇଛନ୍ତି ୧୦୦ରୁ ଅଧିକ ଲୋକେ। ଦୂଷିତ ପାଣି ପିଇବା ପାଇଁ ଚ଼ନ୍ଦ୍ରଶେଖରପୁର ନୀଳମାଧବ ନିବାସ ଅଞ୍ଚଳରେ ବ୍ୟାପିଛି ଝାଡ଼ାବାନ୍ତି । ଗତକାଲି ଖବର ପ୍ରସାରଣ ପରେ ଆଜି ପହଁଞ୍ଚିଛି ହେଲଥ ଟିମ୍। ଝାଡାବାନ୍ତି ପାଇଁ ଔଷଧ ବଣ୍ଟା ଯାଉଥିବା ବେଳେ, ଲୋକେ କିନ୍ତୁ ଅଭିଯୋଗ କରୁଛନ୍ତି କି ସରକାର ଦେଉଥିବା ମେଡ଼ିସିନରେ ଭଲ ହେଉନାହିଁ ରୋଗ।ସେପଟେ ୱାଟକୋ ପକ୍ଷରୁ ପାଣି ଟାଙ୍କି ସଫା କରାଯିବା ସହ ଅସ୍ଥାୟୀ ଭାବେ ପିଇବା ପାଣି ଯୋଗାଇଦିଆଯାଇଛି। ହେଲେ ୪ ମହଲା ଉପରକୁ ପାଣି ବୋହି ନେବା କଷ୍ଟ ସାଧ ବୋଲି ଲୋକେ ଅଭିଯୋଗ କରିଛନ୍ତି। ସପ୍ଲାଇ ହୋଇଥିବା ଦୂଷିତ ପାଣି ପାଇଁ ଝାଡ଼ାବାନ୍ତି ବ୍ୟାପିଥିବାର କହିଛନ୍ତି ଲୋକେ। ସେପଟେ ଝାଡାବାନ୍ତିକୁ ନେଇଲୋକଙ୍କ ମଧ୍ୟରେ କୋକୁଆ ଭୟ ଦେଖାଦେଇଛି ଏନେଇ ଲୋକେ ଏଥିରୁ ମୁକ୍ତି ପାଇଁ ମଙ୍ଗଳା ମାଆଙ୍କୁ ପୂଜା କରୁଥିବାର ଦେଖିବାକୁ ମିଳୁଛି।

## ସହକାରୀ ନିର୍ବାହୀ ଯନ୍ତ୍ରୀ ରାମ ଚ଼ନ୍ଦ୍ର ଶତପଥୀଙ୍କ ଘରେ ରେଡ୍



ଢେଙ୍କାନାଳ୧୬।୪(ପି.ଏନ): ଭିଜିଲାନ୍ସ ଜାଲରେ ଆଠମଲ୍ଲିକ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମ ଚ଼ନ୍ଦ୍ର ଶତପଥୀ। ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ରେଡ୍। ମୋଟ ୮ଟି ଜାଗାରେ ଚ଼ାଲିଛି ଚ଼ଢ଼ଉ ।ଢେଙ୍କାନାଳ ସହର ଗାୟତ୍ରୀ ନଗରସ୍ଥିତ ବାସଭବନ ସମେତ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ସରକାରୀ ବାସଭବନରେ ଚ଼ାଲିଛି ରେଡ୍। ଢେଙ୍କାନାଳ ସଦର ବ୍ଲକ ବଣସିଂହସ୍ଥିତ ପୈତୃକ ଘର ଓ ଗଂଦିଆରେ ରେଡ୍ କରୁଛି ଭିଜିଲାନ୍ସ । ଭବାନୀପାଟଣାର ଧର୍ମଗଡ ଓ ଜୁନାଗଡରେ ଥିବା ଦୁଇ ଝିଅଙ୍କ ଘରେ ବି ଚ଼ାଲିଛି ରେଡ୍। ଅଧିକ ତଦନ୍ତ ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚ଼ନ୍ଦ୍ର ଶତପଥୀଙ୍କୁ ଢେଙ୍କାନାଳରୁ ଆଠମଲ୍ଲିକ ନେଇଛି ଭିଜିଲାନ୍ସ ଟିମ୍।

## ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଭିଜିବ ଓଡ଼ିଶା, କଟକରେ ଜଳବନ୍ଦୀ ସ୍ଥିତି

ଭୁବନେଶ୍ୱର,୧୬।୪(ପି.ଏନ): ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଭିଜିବ ଓଡ଼ିଶା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକା ମାଧ୍ୟମ ଧରଣର ବର୍ଷା ହେବ । ବିଭିନ୍ନ ଜିଲ୍ଲାରେ କୁଆପଥର ଜନିତ ବିଜୁଳି ଘଡ଼ଘଡ଼ି ବର୍ଷା ସମ୍ଭାବନା ରହିଛି। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ନୟାଗଡ଼, ଗଞ୍ଜାମ, ଗଜପତି ଓ କୋରାପୁଟ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି । ରାୟଗଡା ଓ ମାଲାକନଗିରି ଜିଲ୍ଲାରେ ପ୍ରବଳ ବର୍ଷା ମଧ୍ୟ ହୋଇପାରେ । ଏହାକୁ ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି କେନ୍ଦ୍ର ।ସେପଟେ ଉପକୂଳ ବର୍ତ୍ତୀ ଜିଲ୍ଲା ମାନଙ୍କରେ ବି ପ୍ରଭାବ ପଡ଼ିବ। ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାକୁ ଥିବାବେଳେ କେନ୍ଦ୍ରାପଡା, ଜଗତ୍ସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ବୌଦ୍ଧ, ସୁନ୍ଦରଗଡ଼, ବରଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।ଅନ୍ୟପଟେ କଟକରେ ବେହାଲା କଲା କାଳବୈଶାଖୀ। ପ୍ରବଳ ବର୍ଷା ପରେ କଟକ ସହରର ବିଭିନ୍ନ ଅଂଚ଼ଳରେ ସ୍ଥିତି ସଂଗୀନ ହୋଇଛି। ଏବେ ବି ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି । ବିଶେଷ କରି ବକ୍ସ ଡ୍ରେନକୁ ସଂଯୋଗ କରୁଥିବା ଫ୍ରେଣ୍ଡସ କଲୋନୀ ରାସ୍ତା, କେଶରପୁର ରାସ୍ତା, ସେମିନାରୀ ଛକ ଅଂଚ଼ଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ହୋଇପାରୁନି ବର୍ଷା ଜଳ ନିଷ୍କାସନ। ବଡ ବଡ ଡ୍ରେନ ଜାମ ଥିବାରୁ ଏପରି ହୋଇଥିବା ଅଭିଯୋଗ ହୋଇଛି।

## ରାଉରକେଲା ଜେଲରେ ଥିବା ଜଣେ ବିଚ଼ାରାଧୀନ କଏଦୀର ମୃତ୍ୟୁ !

ରାଉରକେଲା,୧୬।୪(ପି.ଏନ): ରାଉରକେଲା ଜେଲ ହାଜତରେ ଥିବା ଜଣେ ବିଚ଼ାରାଧୀନ କଏଦୀର ମୃତ୍ୟୁ ହୋଇଛି । ରାଉରକେଲା ସରକାରୀ ଡାକ୍ତରଖାନାରେ ଚ଼ିକିତ୍ସାଧୀନ ଅବସ୍ଥାରେ ସକାଳେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ସୁନ୍ଦରଗଡ଼ ଜିଲ୍ଲା ରାଏବଗା ଥାନା ଦଲକୀ ଗାଁର ୪୫ ବର୍ଷୀୟ ରାଜେଶ କୁଜୁର। ଚୋରା ମଦ ବିକ୍ରୀ କରୁଥିବା ଅଭିଯୋଗରେ ଗତକାଲି ବିରମିତ୍ରପୁର ଅବକାରୀ ବିଭାଗ ତାଙ୍କୁ ଗିରଫ କରିଥିଲା। ଗିରଫ କରିବା ପରେ ଗତକାଲି ଅପରାହ୍ନରେ ରାଉରକେଲା ଜେଲ ହାଜତକୁ ଅଣାଯାଇଥିଲା। ଗତକାଲି ରାତି ସାଢେ ଆଠଟା ସମୟରେ ରାଜେଶ କୁଜୁର ଅସୁସ୍ଥ ହେବାରୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚ଼ିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚ଼ିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଛି ।ଅପରପଟେ ନିର୍ଯାତନା ଦିଆଯାଇ ମାରି ଦିଆଯାଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରିବା ସହ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ମୃତକଙ୍କ ସମ୍ପର୍କୀୟ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ରଘୁନାଥପାଲ୍ଲି ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମୃତ ବିଚ଼ାରାଧୀନ କଏଦୀ ରାଜେଶ କୁଜୁର ଫିଡସ୍ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ରାଉରକେଲା ଜେଲ ଅଧିକ୍ଷକ ସୂଚ଼ନା ଦେଇଛନ୍ତି। ଏହାକୁ ଖଣ୍ଡନ କରିଛନ୍ତି ମୃତକଙ୍କ ପରିବାର।

## ତେଜିଲା ବାଣିଜ୍ୟ ଯୁଦ୍ଧ, ଚ଼ାଇନା ଉପରେ ଲାଗିଲା ୨୪୫% ଶୁଳ୍କ

ଭୁବନେଶ୍ୱର,୧୬।୪(ପି.ଏନ): ଆମେରିକା ଓ ଚ଼ାଇନା ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଚ଼ରମ ସ୍ଥିତିରେ ପହଞ୍ଚିଛି। ପୂର୍ବରୁ ଚ଼ାଇନା ଉପରେ ରେକର୍ଡ ଟାରିଫ ବା ଶୁଳ୍କ ଲଗାଇଥିବା ଆମେରିକା ଏବେ ଆଉ ପାଦେ ଆଗେଇଛି। ଚ଼ାଇନାରୁ ଆମେରିକାକୁ ରପ୍ତାନୀ ହେଉଥିବା ଦ୍ରବ୍ୟଗୁଡିକ ଉପରେ ୱାଶିଂଟନ ପକ୍ଷରୁ ଐତିହାସିକ ୨୪୫% ଶୁଳ୍କ ଲାଗୁ କରାଯାଇଥିବା ହ୍ୱାଇଟ ହାଉସ ସ୍ପଷ୍ଟ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ନୀତି ବିରୋଧରେ ଲ??ଇ କରିବାକୁ ଚ଼ାଇନା ଅଣ୍ଟା ଭିଡିଛି ।ଏଥିପାଇଁ ବେଜିଂ ପକ୍ଷରୁ ପାଲଟା ଶୁଳ୍କ ଲାଗୁ କରାଯିବା ସହ ଚ଼ାଇନିଜ ଏୟାରଲାଇନ୍ସଗୁଡିକ ପାଇଁ ଅର୍ଡର ଦିଆଯାଇଥିବା ନୂଆ ବୋଇଂ ଜେଟ୍?କୁ ବ୍ୟାନ କରି ଦିଆଯାଇଛି। ଚ଼ାଇନାର ଏପରି ପାଲଟା ଆକ୍ରମଣରେ ଟ୍ରମ୍ପ କ୍ଷୁବ୍ଧ ହୋଇଛି ବେଜିଂ ଉପରେ ୨୪୫% ଶୁଳ୍କ ଲାଗୁ ହେଉଥିବା ସମ୍ପର୍କରେ ଘୋଷଣା କରିଛନ୍ତି ।ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି ଯେ “ଚ଼ାଇନା ଏବେ ୨୪୫% ଯାଏ ଶୁଳ୍କର ସାମ୍ନା କରିବ। ଚ଼ାଇନା ନେଇଥିବା ପାଲଟ ପଦକ୍ଷେପର ଜବାବରେ ଆମେରିକା ଏଭଳି ନିଷ୍ପତ୍ତି ନେଇଛି।” ଜାତୀୟ ସୁରକ୍ଷାର ଆଳ ଦେଖାଇ ଟ୍ରମ୍ପ ପ୍ରଶାସନ ଚ଼ାଇନା ଉପରେ ଲାଗିଥିବା ୨୪୫% ଶୁଳ୍କକୁ ଉଚ଼ିତ ବୋଲି ମଧ୍ୟ ଦର୍ଶାଇଛି।

## କୋଇଲା ୱାସେରୀରେ ଚ଼ଢାଉ, ହଜାର ହଜାର ଟନ୍ କୋଇଲା ଜବତ



ସୁନ୍ଦରଗଡ଼,୧୬।୪(ପି.ଏନ): ସୁନ୍ଦରଗଡ଼ ହେମଗିରି ଥାନା କନିକା ସ୍ଥିତ ଆର୍ଯ୍ୟନ କୋଲ ୱାସେରୀର ବିଭିନ୍ନ ଠିକଣାରେ ଚ଼ଢ଼ାଉ । ହଜାର ହଜାର ଟନ ବେଆଇନ କୋଇଲା ଗ୍ଚ଼ିତ ଥିବାର ସୂଚ଼ନା ପାଇ ଚ଼ଢ଼ାଉ ହୋଇଛି। ଜିଲ୍ଲା ପ୍ରଶାସନର ରାଜସ୍ୱ ବିଭାଗ ଏବଂ ପୋଲିସର ଚ଼ଢ଼ାଉ ପରେ ଖଣି ବିଭାଗର ମଧ୍ୟ ଚ଼ଢ଼ାଉ ଜାରି ରହିଛି। କମ୍ପାନୀ ପାଚେରୀରୁ ଦୁଇ କିଲୋମିଟର ଜଙ୍ଗଲରେ ହଜାର ହଜାର ଟନ କୋଇଲା ରହିଛି। ପାଚେରୀ ଠାରୁ ଦୂରରେ ଆଉ ଏକ ଠିକଣାରେ ହଜାର ହଜାର ଟନ ବିଶୋଧିତ କୋଇଲା ଗ୍ଚ଼ିତ ଥିବା ଜଣାପଡିଛି। ପାଖାପାଖି ୧୦ ହଜାର ଟନ ବେଆଇନ କଞ୍ଚା କୋଇଲା ଜବତ ନେଇ ସୂଚ଼ନା ଦେଇଛନ୍ତି କନିଷ୍ଠ ଖଣି ଅଧିକାରୀ ମଙ୍ଗଳ ଚ଼ରଣ ହେମ୍ବ୍ରମ । ଆସନ୍ତାକାଲି ଅନ୍ୟ ସ୍ଥାନରେ ଥିବା କୋଇଲାର ଆକଳନ କରାଯିବ।

## ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବିରୋଧରେ କଂଗ୍ରେସର ବିକ୍ଷୋଭ



ଭୁବନେଶ୍ୱର,୧୬।୪(ପି.ଏନ): ଭୁବନେଶ୍ୱର ଇଡି ଅଫିସ ଆଗରେ କଂଗ୍ରେସ କର୍ମୀଙ୍କ ଜୋରଦାର ଆନ୍ଦୋଳନ । ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଚ଼ାର୍ଜସିଟ୍ ଫାଇଲ ବିରୋଧରେ ଇଡି ଅଫିସ ଘେରାଉ କରିଛି ରାଜ୍ୟ କଂଗ୍ରେସ। ପିସିସି ସଭାପତି ଭକ୍ତ ଚ଼ରଣ ଦାସଙ୍କ ନେତୃତ୍ୱରେ ଏକାଠି ହୋଇଛନ୍ତି କଂଗ୍ରେସ କର୍ମୀ। କେନ୍ଦ୍ର ସରକାରଙ୍କ ଏ ପ୍ରାୟୋଜିତ ଷଡ଼ଯନ୍ତ୍ରକୁ ସହ୍ୟ କରାଯିବ ନାହିଁ ବୋଲି ଇଡି ଅଫିସ ଆଗରେ ଗର୍ଜିଛନ୍ତି କଂଗ୍ରେସ ନେତା । ଆଗକୁ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କହିଛନ୍ତି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଓ ମହମ୍ମଦ ମୋକିମ । ଆଜି ସାରା ଦେଶରେ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଥିବାବେଳେ ରାଜ୍ୟ କଂଗ୍ରେସ ମଧ୍ୟ ବିରୋଧ କରିଛି । ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ବିରୁଦ୍ଧରେ ଚ଼ାର୍ଜସିଟକୁ ଜୋରଦାର ବିରୋଧ କରାଯାଇଛି ।

## ଯାତ୍ରା ଜଗତରେ ଅମୁନି ବିବାଦ; ସୋନାଲି ପଣ୍ଡାଙ୍କ ବିରୋଧରେ ସ୍ୱାମୀଙ୍କ ଅଭିଯୋଗ

ଭୁବନେଶ୍ୱର,୧୬।୪(ପି.ଏନ): ଯାତ୍ରା ତୁଳସୀ ଗଣନାଟ୍ୟର ମାଲିକ ନାଣ୍ଟୁ ବାବୁଙ୍କ ନା ରେ ସାଙ୍ଘାତିକ ଅଭିଯୋଗ ଆଣିଲେ ହିରୋଇନ୍ ସୋନାଲିଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର । ସୋନାଲିଙ୍କୁ ଜୋର୍ ଜବରଦସ୍ତ ରଖା ଯାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ସ୍ତ୍ରୀ ଆଉ ପୁଅକୁ ଭେଟିବା ପାଇଁ ଦେଉ ନାହାନ୍ତି ଏବଂ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ତୁଳସୀ ମାଲିକ ବୋଲି କହିଛନ୍ତି ଶ୍ରୀକ୍ଷେତ୍ର ।ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୋନାଲିଙ୍କ ପ୍ରକୃତ ନାଁ କାଗଜି। କେବଳ ମୋ ସ୍ତ୍ରୀ ନୁହେଁ ଅନେକ କଳାକାରଙ୍କୁ ବ୍ଲାକମେଲ କରୁଛନ୍ତି। ମୁଁ ତୁଳସୀରେ ମ୍ୟାନେଜର ଥିବା ବେଳେ ପତ୍ନୀ ତୁଳସୀରେ ଏଣ୍ଟ୍ରି କରିଥିଲା। କିଛି ବର୍ଷ ପରେ ପତ୍ନୀଙ୍କୁ ଲୋଭ ଦେଖାଇ ଯାତ୍ରା ମାଲିକ ନାଣ୍ଟୁ ବାବୁ ମୋଠାରୁ ତାକୁ ଛଡେଇ ନେଲେ। ଏପରିକି ଜୀବନରେ ମାରି ଦେବାକୁ ଧମକ ଦେଲେ। ଜୀବନ ଭୟରେ ରାତାରାତି ଲୁଚ଼ିକି ପଳେଇ ଆସିଲି। ଗୋଟେ ପୁଅ ଠାରୁ ଗୋଟେ ମାଆକୁ ଛଡେଇ ନେଇଛନ୍ତି ମାଲିକ। ପୁଅ, ସ୍ୱାମୀ ଓ ପରିବାର ସୁରକ୍ଷା କାରଣରୁ ସୋନାଲି ମୁହଁ ଖୋଲୁନାହାନ୍ତି । ସୋନାଲିଙ୍କୁ ନେଇ ନାଣ୍ଟୁ ବାବୁଙ୍କ ଘରେ ବିବାଦ ସୃଷ୍ଟି ହୋଇଛି। ୧୦ ବର୍ଷ ହେଲା ଭୟରେ ଥିଲି। ଏଥର ଆଇନର ଆଶ୍ରୟ ନେବି। ଏବେ ବି ମୋ ସ୍ତ୍ରୀକୁ ମୁଁ ଆପଣେଇ ନେବି। ମୋ ପୁଅ ମୁହଁକୁ ଚ଼ାହିଁ ସବୁ କିଛି ଭୁଲିଯିବି ବୋଲି ସୋନାଲିଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ଫୋନରେ କହିଛନ୍ତି । ସେପଟେ ସୋନାଲି ନିଜ ସ୍ୱାମୀଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଛନ୍ତି। କହିଛନ୍ତି, ଏହି ଘଟଣାରେ କୌଣସି ସତ୍ୟାସତ୍ୟ ନାହିଁ। ତୁଳସୀ ଗଣନାଟ୍ୟ ମାଲିକ ମତେ ଝିଅ କରିଛନ୍ତି। ମୋର ଅସୁବିଧା ସମୟରେ ମତେ ସାହାଯ୍ୟ କରିଛନ୍ତି। ମୋ ସ୍ୱାମୀ ବହୁ ଝିଅ ମାନଙ୍କ ସହ କଥା ହୁଅନ୍ତି। ଏମିତିକି ସେ ଆଉ ଏକ ବିବାହ ମଧ୍ୟ କରିଛନ୍ତି। ମୁଁ କୌଣସି ମାନସିକ ନିର୍ଯ୍ୟାତନାର ଶିକାର ହୋଇନି। ମୋ ଇଚ୍ଛାରେ ତୁଳସୀ ଗଣନାଟ୍ୟରେ ରହିଛି। ସ୍ୱାମୀଙ୍କ ସହିତ ମୋର କୌଣସି ସମ୍ପର୍କ ନାହିଁ। ସେ ଏତେ ବର୍ଷ ହେଲାଣି କେଉଁଠି ଥିଲେ ବୋଲି ସୋନାଲି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ କହିଛନ୍ତି ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ତୁଳସୀ ଗଣନାଟ୍ୟରେ କାମ କରୁ ନଥିଲେ। ସେ ଅନ୍ୟ ଏକ ଝିଅକୁ ବିବାହ କରିଛନ୍ତି। ତାଙ୍କ ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ।




# ଉପଖଣ୍ଡ ସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ



କୁଚିଣ୍ଡା, : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଉପଖଣ୍ଡ ସ୍ତରୀୟ ୧୫ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ନୂଆଁ ଭୋଟର ଓ ଯୁବ ଭୋଟରଙ୍କ ପାଇଁ ସମର୍ପିତ ଭାରତୀୟ ନିର୍ବାଚନ ଆୟୋଗର ସ୍ଥାପନା ଦିବସ କୁ ସ୍ମରଣ କରିବା ପାଇଁ ଦେଶବ୍ୟାପୀ ଭୋଟର ଜାଗରଣ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ଉପଖଣ୍ଡର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଜି ମହାବିଦ୍ୟାଳୟ ପ୍ରାଙ୍ଗଣରୁ ଏନ୍ ଏସ ଏସ,ଏନ୍ ସି ସି ଓ ରେଡକ୍ରସ ୟୁନିଟ କୁଚିଣ୍ଡା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ମହାବିଦ୍ୟାଳୟ ର ଅଧ୍ୟାପକ ଅଧ୍ୟାପିକା ମାନେ ଏକ ଶୋଭାଯାତ୍ରାରେ ବାହାରି କୁଚିଣ୍ଡା ପୁରୁଣା ବସଷ୍ଟାଣ୍ଡ ନଗର ପରିକ୍ରମା କରି ଭୋଟର ସଚେତନ ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଜନସାଧାରଣ ଙ୍କୁ ସଚେତନ କରାଇଥିଲେ। ଏହି ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥଲେ। ଏହା ପରେ କୁଚିଣ୍ଡା ତହସିଲଦାର ମିତାଲି ? ମଧୁସ୍ମିତା ଦଲେଇ ଙ୍କ ସଭାପତିତ୍ୱରେ ଏକ ଶଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ଜମନକିରା ବିଡ଼ିଓ, କୁଚିଣ୍ଡା ମହାବିଦ୍ୟାଳୟ ଅଧକ୍ଷା ସୁଚିତ୍ରା ମିଶ୍ର, ମହିଳା ମହାବିଦ୍ୟାଳୟ ଅଧକ୍ଷ ଅଧିକାରୀ ସାହୁ, ସହକାରୀ ଜିଲ୍ଲାପାଳ ଲୋଚନ ଶବର ପ୍ରମୁଖ ଯୋଗଦେଇ ଗଣତନ୍ତ୍ର ର ଏ ମହାନ ପର୍ବରେ ଯୁବ ଭୋଟର ମାନେ ବିକଶିତ ନୂତନ ଭାରତ ଗଠନରେ ସାମିଲ ହେବାପାଇଁ ଉଦବୋଧନ ଦେଇଥିଲେ। ଭୋଟ ଦେବା ସମସ୍ତଙ୍କ ଅଧିକାର ଏବଂ ସ୍ୱଚ୍ଛ ନିର୍ମଳ ଭୋଟଦାନ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅଧାପିକା ବେଳମତି କୁମୁରା ଙ୍କ ସଂଯୋଜନା ରେ ପରିଚାଳିତ ଏହି ସଭାରେ ସହ ଜିଲ୍ଲାପାଳ ଭାସ୍କର ବେହେରା ସ୍ୱାଗତ ଭାଷଣ ପ୍ରସ୍ତୁତ କରିଥିବାବେଳେ, ଡେପୁଟି କଲେକ୍ଟର ପ୍ରବିଣା ବିଲୁଂ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରେଷ୍ଠ ଭୋଟର ପଞ୍ଜିକରଣ ଅଫିସର ରୂପେ ବିଡ଼ିଓ କୁଚିଣ୍ଡା ଜୟନ୍ତ ସାହୁ ଏବଂ ଜମନକିରା ବିଡ଼ିଓ ଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ବିଏଲ୍ଓ ଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ରେ ଏନ୍ ଏସ୍ ଏସ୍ କୁଚିଣ୍ଡା ମହାବିଦ୍ୟାଳୟ ର ସହଯୋଗୀତା ଓ ସୁନ୍ଦର ଉପସ୍ଥାପନା ଓ ମଞ୍ଚ ପରିଚାଳନା ପାଇଁ ସ୍ୱତନ୍ତ୍ର ରୂପେ ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସର ବେଳମତି କୁମୁରା ଙ୍କୁ ସମ୍ମାନିତ କରାଯାଇଥିଲା। ସଚେତନତା ପାଇଁ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଜାତୀୟ ଭୋଟର ଦିବସ ଉପରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୂତନ ରୂପେ ଭୋଟର ଲିଷ୍ଟ ରେ ପଞ୍ଜିକରଣ ହୋଇଥିବା ନୂଆଁ ଭୋଟର ମାନଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଆଲିଆ ଭଟ୍ଟଙ୍କ ସହ 'ସଲିଟାୟାର ୱାନ୍' ଶୁଭାରମ୍ଭ କଲା



ଭୁବନେଶ୍ୱର : ବିଶ୍ୱର ସବୁଠାରୁ ବଡ଼ ଏବଂ ବିଶ୍ୱସ୍ତ ସୁନା ଏବଂ ହୀରା ଅଳଙ୍କାର ଖୁଚୁରା ବିକ୍ରେତାମାନଙ୍କ ମଧ୍ୟରୁ ଗୋଟିଏ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଗର୍ବର ସହିତ 'ସଲିଟାୟାର ୱାନ୍' ଲଂଚ ସଂପର୍କରେ ଘୋଷଣା କରିଛି, ଯାହା ପ୍ରାକୃତିକ ହୀରାକୁ ନେଇ ଏକ ଉତ୍କୃଷ୍ଟ କଲେକସନ୍। ପ୍ରତ୍ୟେକଟି ଅନ୍ତର୍ଜାତୀୟ ପରୀକ୍ଷାଗାର ଦ୍ୱାରା ଏହା ପ୍ରମାଣିତ। ବଲିଉଡ୍ ଆଇକନ୍ ଏବଂ ବ୍ରାଣ୍ଡ ଆମ୍ବାସାଡର ଆଲିଆ ଭଟ୍ଟଙ୍କୁ ନେଇ, ଏହି ଅଭିଯାନ ସୋଲିଟାୟାର ଜୀବନର ମୂଲ୍ୟବାନ ମୁହୂର୍ତ୍ତଗୁଡ଼ିକୁ ସ୍ମୃତିବହୁଳ କରିବା ପାଇଁ ଉଦ୍ଦିଷ୍ଟ। ରତ୍ନ ପାଇଁ ପ୍ରତ୍ୟେକ ମହିଳା ଭଲ ପାଇବାକୁ ଏହା ପ୍ରତିଫଳିତ କରେ। ଏହି ଅଭିଯାନ ଆଲିଆ ଭଟ୍ଟଙ୍କ ଅଭିନୀତ ଏକ ମନମୋହକ ଚଳଚ୍ଚିତ୍ର ସହିତ ଆରମ୍ଭ ହୁଏ, ଯାହା ତିନୋଟି ସୁନ୍ଦର ଭାବରେ ଜଡିତ ପ୍ରେମ କାହାଣୀକୁ ଜୀବନ୍ତ କରିଥାଏ। ଦୃଶ୍ୟମାନ ଭାବରେ ଆଶ୍ଚର୍ଯ୍ୟଜନକ କାହାଣୀ ଜଣେ ବ୍ୟକ୍ତିର ତାଙ୍କ ଆତ୍ମସାଥୀଙ୍କ ସହିତ ବନ୍ଧନର ଯାତ୍ରାକୁ କଏଦ କରେ ଏବଂ ସୋଲିଟାୟାର ସହିତ ସେମାନଙ୍କର ଗଭୀର ସଂପର୍କ ସହିତ, ଏହି କାଳଜୟୀ ଅଳଙ୍କାର ଗୁଡ଼ିକ କିପରି ଜୀବନର ସବୁଠାରୁ ଯାଦୁକରୀ ମୁହୂର୍ତ୍ତ ଗୁଡ଼ିକର ଏକ ଅଂଶ ହୋଇଯାଏ ତାହା ଉପରେ ଗୁରୁତ୍ୱାରୋପ କରେ। ଆଲିଆ ଭଟ୍ଟଙ୍କ ସୁନ୍ଦରତା ଏବଂ କରିସ୍ମା ଅଭିଯାନକୁ ଉଷ୍ମତା ଏବଂ ଭାବପ୍ରବଣତା ସହିତ ପରିପୂର୍ଣ୍ଣ କରେ, 'ଦି ୱାନ୍' ଆବିଷ୍କାର କରିବାର ଆନନ୍ଦକୁ ମୂର୍ତ୍ତିମନ୍ତ କରିଥାଏ। ଏହି ଅଭିଯାନକୁ ଡିଡିବି ମୁଦ୍ରା ଦ୍ୱାରା ସଂକଳ୍ପିତ କରାଯାଇଛି। ଏହି ଅବସରରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, ସଲିଟାୟାର ୱାନ୍ କେବଳ ଏକ କଲେକସନ୍ ନୁହେଁ ବରଂ କିଛି ଅଧିକ। ଏହା କାଳଜୟୀ ସୌନ୍ଦର୍ଯ୍ୟ ଏବଂ ପ୍ରେମର ଶକ୍ତିର ଏକ ଉତ୍ସ। ଏହି ଅଭିଯାନ ମହିଳାମାନେ ସୋଲିଟାୟାର ସହିତ ଅଂଶୀଦାର କରୁଥିବା ଗଭୀର ଭାବପ୍ରବଣ ସଂପର୍କକୁ କଏଦ କରିଛି। ଯାହା ସୌନ୍ଦର୍ଯ୍ୟ ଏବଂ ସ୍ଥାୟୀ ମୁହୂର୍ତ୍ତ ଉଭୟକୁ ପ୍ରତୀକ କରିଥାଏ। ଅଭିଯାନରୁ ପାଇଥିବା ପ୍ରତିକ୍ରିୟାରେ ଆମେ ବହୁତ ଉତ୍ସାହିତ ଏବଂ ଏହାକୁ ପିନ୍ଧୁଥିବା ପ୍ରତ୍ୟେକ ମହିଳାଙ୍କ ଶକ୍ତି, କୃତିତ୍ୱ ଏବଂ ବ୍ୟକ୍ତିତ୍ୱକୁ ପ୍ରତିନିଧିତ୍ୱ କରୁଥିବା ଏକ ଖଣ୍ଡ ପ୍ରଦାନ କରିବାକୁ ଗର୍ବିତ। 'ସଲିଟାୟାର ୱାନ୍' ସୋଲିଟାୟାର ଅଳଙ୍କାର ଅଭିଜ୍ଞତାକୁ ପୁନଃପରିଭାଷିତ କରିବାକୁ ପ୍ରସ୍ତୁତ, ସାରା ଦେଶରେ ଉପଲବ୍ଧତା ସହିତ ଜୀବନବ୍ୟାପୀ ସଂଗୃହୀତ ପ୍ରାକୃତିକ ହୀରାଗୁଡ଼ିକର ଏକ ଉତ୍କୃଷ୍ଟ ପରିସର ପ୍ରଦାନ କରେ। ୦,୩୦ କ୍ୟାରେଟରୁ ଅଧିକ ପ୍ରତ୍ୟେକ ହୀରା ଏବଂ ପ୍ରତ୍ୟେକ ଅଳଙ୍କାର ଏକ ଦ୍ୱି-ପାର୍ଶ୍ୱ ପ୍ରମାଣପତ୍ର ପ୍ରକ୍ରିୟା ଦେଇ ଗତି କରିଥାଏ।

# ସଫାଇ କର୍ମଚାରୀଙ୍କ ଦାବୀ ପୂରଣ କରିବାକୁ ବିଏମ୍‌ସିର ପ୍ରତିଶୃତି

ଭୁବନେଶ୍ୱର : ସିଟୁ ( BMC Workers Uniyan ) ତରଫରୁ ଭୁବନେଶ୍ୱର ମହାନଗର ନିଗମର ସମସ୍ତ ସଫାଇ କର୍ମଚାରୀ, ଡ୍ରାଇଭର ମାନଙ୍କୁ ଜଣାଇ ଦେଉଛୁ ଯେ ଆଜି ଇଗଡ ହେଡ୍ ଅଫିସ ଠାରେ ଅତିରିକ୍ତ କମିଶନରଙ୍କ ଅଧକ୍ଷତକ୍ଷରେ ସମସ୍ତ କଂଟ୍ରାକ୍ଟ ଏଜେନ୍ସୀ ର ପ୍ରତିନିଧି ଙ୍କ ସହିତ BMC Workers Union ର ଦୀପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ୟୁନିୟନ ତରଫରୁ ପ୍ରଦାନ କରାଯାଇଥିବା ୧୩ ଦଫା ଦାବୀ ସମ୍ପର୍କ ରେ ଆଲୋଚନା କରାଯାଇ ତୁରନ୍ତ ସମସ୍ତ ଦାବୀ ପୂରଣ କରିବାକୁ ୟୁନିୟନର ଉପ ସଭାପତି ଶ୍ରୀ ପ୍ରଦୀପ୍ତ ନାୟକ ଦାବୀ କରିଥିଲେ । ପ୍ରତି ମାସରେ ସାଲାରୀ ସ୍ଲିପ, ସମସ୍ତଙ୍କୁ ଇ ପି ଏଫ/ ଇ ଏସ ଆଇ ପ୍ରଦାନ, ସର୍ବନିମ୍ନ ବାର୍ଷିକ ବୋନସ ୫୦୦୦ ଟଙ୍କା ପ୍ରଦାନ, ଡ୍ରାଇଭର ଏବଂ ଅଭିଜ୍ଞ କର୍ମଚାରୀଙ୍କୁ ସେମି ସ୍କିଲ ବେତନ ପ୍ରଦାନ, ପ୍ରତି ମାସରେ ଇନସେଣ୍ଟିଭ ପ୍ରଦାନ, ମାସକୁ ୧୦୦ ଟଙ୍କା ଡ୍ରେଷ୍ଟ ଅଲଆଉନ୍ସ ପ୍ରଦାନ, ପ୍ରସୂତି ମହିଳାଙ୍କୁ ମାଟରନିଟି ବେନିଫିଟ ଇ ଏସ ଆଇ ଜରିଆରେ ପ୍ରଦାନ, ଅବସର ପରେ ଗ୍ରାଚୁଇଟି ପ୍ରଦାନ, କୌଣସି ଶ୍ରମିକ ଙ୍କୁ ବିନା କାରଣରେ କାମ ରୁ ଛଟେଇ ନ କରିବା ଇତ୍ୟାଦି ଅଧିକାଂଶ ଦାବୀ ବିଏମ୍‌ସି କର୍ତ୍ତୃପକ୍ଷ ଗ୍ରହଣ କରିଛନ୍ତି ଏବଂ ତୁରନ୍ତ ଏଦିଗରେ ପଦକ୍ଷେପ ନେଇ ପୂରଣ କରିବାକୁ ପ୍ରତିଶୃତି ଦେଇଛନ୍ତି । ବିଏମସି ସମସ୍ତ ସଫାଇ କର୍ମଚାରୀ ଭାଇ ଭଉଣୀ ମାନଙ୍କୁ ୟୁନିୟନ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କ୍ଷ ଅନ୍ୟମାନଙ୍କ ମଧ୍ୟରେ ୟୁନିୟନର ସାଧାରଣ ସମ୍ପାଦକ ଶ୍ରୀ ବିଦେଶୀ ନାୟକ, ଉପସଭାପତି ଶ୍ରୀ ବଳରାମ ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ଉଷା ନାୟକ, ମଣ୍ଟୁ ନାୟକ ଏବଂ ବାସନ୍ତୀ ନାୟକ ଏହି ବୈଠକରେ ଯୋଗ ଦେଇ ଆଲୋଚନା ରେ ଭଗନେଇଥିଲେ ।

# ସୂଚନା ଲୋକସମ୍ପର୍କ ଅଫିସ ପାଠାଗାରକୁ ସଚଳ କର, ସାମ୍ବାଦିକ ସଂଘର ଆନ୍ଦୋଳନ ଚେତାବନୀ



କୁଚିଣ୍ଡା, : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଫିସ ତଥା ପଠାଗାର ଦୀର୍ଘ ଦିନ ହେବ ଅଚଳ ହୋଇପଡିଛି ।ସାମ୍ବାଦିକ ସଂଘ ପକ୍ଷରୁ ଏନେଇ ବାରମ୍ବାର ଦାବି ହୋଇ ଆସୁଥିଲେ ବି ପ୍ରଶାସନ ଅଫିସ ସହ ପାଠାଗାରକୁ ସଚଳ କରିବା ଦିଗରେ କୌଣସି ପଦକ୍ଷେପ ନେଉନାହିଁ। ୨୬ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରାନଗଲେ ୨୭ରେ କୁଚିଣ୍ଡା ସମ୍ବାଦିକ ସଂଘ ପକ୍ଷରୁ ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବାକୁ ଶୁକ୍ରବାର କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଏକ ଚେତାବନୀ ପତ୍ର ପ୍ରଦାନ କରାଯାଇଛି ।କୁଚିଣ୍ଡା କଳାପରିଷଦ ପାଖରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଫିସ ସହ ଏକ ପାଠାଗାର ରହିଛି ।ଆଜକୁ ସାଢେ ୩ବର୍ଷରୁ ଉର୍ଦ୍ଧ୍ୱ ହେବ ଅଫିସ ଓ ପାଠାଗାର ବନ୍ଦ ରହିଛି। ଏଠାରେ ଅବସ୍ଥାପିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଅନ୍ୟତ୍ର ବଦଳୀ ହେବାପରେ ଏପର୍ଯ୍ୟନ୍ତ ଅଧିକାରୀ ପଦବୀ ଖାଲିପଡିଛି ।ଅଫିସରେ ଥିବା ଏକମାତ୍ର ପିଅନଙ୍କୁ ଉପଜିଲ୍ଲାପାଳ ଅଫିସକୁ କାଢି ନିଆଯାଇଥିବାରୁ ସୂଚନା ଅଫିସରେ ପରିଚାଳିତ ହୋଇ ଆସୁଥିବା ପାଠାଗାରଟି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି ।ଏହାରି ଯୋଗୁଁ ପାଠାଗାରକୁ ଦୈନନ୍ଦିନ ଆସୁଥିବା ପାଠକ ମାନଙ୍କୁ ନିରାଶ ହେବାକୁ ପଡୁଛି ।ଫଳରେ ଖବରଦାତାଙ୍କ ସହ ପ୍ରଶାସନର ଯୋଗସୂତ୍ର ବିଛିନ୍ନ ହୋଇପଡିଛି ।ଏ ସମ୍ପର୍କରେ ୨୦୨୩ଜୁନ ୧୨ରେ ତତ୍କାଳୀନ ସମ୍ବଲପୁର ଜିଲ୍ଲାପାଳଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଅଫିସକୁ କାର୍ଯ୍ୟକ୍ଷମ ଉଦ୍ଦେଶ୍ୟରେ ପତ୍ରାଳାପ କରାଯାଇ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା ।ମାତ୍ର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ଏଦିଗରେ ପଦକ୍ଷେପ ନେବାକୁ ଲିଖିତ ପ୍ରତିଶୃତି ଦିଆଯାଇଥିଲେ ହେଁ ପ୍ରଶାସନ ଏହାକୁ କାର୍ଯ୍ୟକ୍ଷମ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ।ଏହାଛଡା ସୂଚନା ଲୋକସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ଜଣେ ଆସିଷ୍ଟାଣ୍ଟ କଲେକ୍ଟର ଖବରଦାତାଙ୍କୁ ଅଣଦେଖା କରୁଥିବା,କୌଣସି ସରକାରୀ ସୂଚନା ସଠିକ ଭାବେ ପ୍ରଦାନ କରୁନଥିବା ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ ଦାବିପତ୍ର ଗ୍ରହଣ କରି ଏସମ୍ପର୍କରେ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ କହିଛନ୍ତି ।ଦାବିପତ୍ର ପ୍ରଦାନ ସମୟରେ ସାମ୍ବାଦିକ ସଂଘ ସଭାପତି ଦୀନେଶ ନନ୍ଦ,ସାଧାରଣ ସମ୍ପାଦକ ତପନ ଦାଶ,ଉପସଭାପତି ପ୍ରଶାନ୍ତ ଶର୍ମା ଓ ଅଦିତ ପଣ୍ଡା,ଜିଲ୍ଲା ସଭାପତି ପ୍ରଭାତ ବେହେରା,ସଭ୍ୟ ଶୁଶିଳ କର,ସଞ୍ଜୟ ମିଶ୍ର,ଅମୂଲ୍ୟ ମିଶ୍ର,ଜୟକିଶୋର ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# ଏଭର ଗ୍ରୀନ କ୍ଲବ ପକ୍ଷରୁ ବାର୍ଷିକ କ୍ରୀଡା ଉଦଯାପିତ



ଯୋଡା,: କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅଧୀନସ୍ଥ ଜଜାଙ୍ଗ ପଞ୍ଚାୟତର ଜରିବାହାଲ ଖେଳପଡିଆରେ ଏଭର ଗ୍ରୀନ କ୍ଲବ ପକ୍ଷରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟାଟାଷ୍ଟିଲ ଅଧିକାରୀ ଅମୂଲ୍ୟ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ବାମେବାରୀ ଥାନା ଅଧିକାରୀ ଅରବିନନ୍ଦ ସାହୁ,ପୂର୍ବତନ ସରପଞ୍ଚ ଇନ୍ଦ୍ରମଣୀ ପୂର୍ତ୍ତୀ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏହି ପ୍ରତିଯୋଗିତା ଶେଷ ହୋଇଥିବା ବେଳେ ଏଭରଗ୍ରୀନ କ୍ଲବ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯିବା ପରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଖେଳ ଇଭେଣ୍ଟ ମାନ ଆୟୋଜିତ ହୋଇଥିଲା । ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏଥିରେ ସ୍ଥାନୀୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହିତ କୁରୁଡି,ଜଜାଙ୍ଗ ଓ ଜଲହରୀ ପଞ୍ଚାୟତର ଯୁବକ ଯୁବତୀ, ଅଭିଭାବକ, ବୟସ୍କ ବ୍ୟକ୍ତି ସମେତ ମାଆ ମାନେ ଭାଗ ନେଇ ସାଧାରଣତନ୍ତ୍ର ଦିବସରେ ଭରପୁର ଆନନ୍ଦ ନେଇଥିଲେ । ଏଥିରେ ବିଭିନ୍ନ ବର୍ଗରେ ଦୌଡ ପ୍ରତିଯୋଗିତା ଠାରୁ ଆରମ୍ଭ କରି ଧନୁତୀର ମାଧ୍ୟମରେ ଲକ୍ଷ୍ୟ ଭେଦ,ଉଚ୍ଚ ଓ ଲମ୍ବ ଡିଆଁ,ସର୍ଟ ଫୁଟ ଥ୍ରୋ,ସାଇକେଲ ରେସ,ମ୍ୟୁଜିକ ଚେୟାର ପରି ବହୁ ଆକର୍ଷଣୀୟ ଓ ଚିତ୍ତ ବିନୋଦନ ଖେଳ ଆୟୋଜନ କରାଯାଇଥିଲା । ଅନ୍ତିମ ପର୍ଯ୍ୟାୟରେ ପିଲାମାନଙ୍କୁ ନେଇ ନାଚଗୀତକରାଯାଉଥିବା ବେଳେ କୃତୀତ୍ୱ ହୋଇଥିବା ପିଲାମାନଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏଭରଗ୍ରୀନ କ୍ଲବର ସଭାପତି ହେମଲାଲ ଶର୍ମା,ସମ୍ପାଦକ ବସନ୍ତ ମାଝୀ,କୋଷାଧ୍ୟକ୍ଷ ସରୋଜ କୁମାର ଚାମ୍ପିଆ, ବିଜୟ ସାଣ୍ଡିଲ, ଲକ୍ଷ୍ମଣ ମାଝୀ, ମନମୋହନ ସର୍ଦ୍ଦାର, ଟୁକୁନା ମୁଣ୍ଡା, ସଦାନନ୍ଦ ସର୍ଦ୍ଦାର, ହରି ମୁଣ୍ଡାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟଙ୍କ ବଳିଷ୍ଠ ଯୋଗଦାନ ଦେଇଥିଲେ ।

# କଟନି ଛଟନିକୁ ରୋକିବାରେ ବିଫଳ ସରକାର



ରଣପୁର : ନୟାଗଡ ଜିଲ୍ଲା ରଣପୁର ନିର୍ବାଚନ ମଣ୍ଡଳୀ ଖୋଦ୍ ବାଚସ୍ପତି ସୁରମା ପାଢୀଙ୍କ ନିର୍ବାଚନ ମଣ୍ଡଳୀ । ଏ ହେଉଛି ତାରିଆ ସମବାୟ ସମିତି ମଣ୍ଡିରୁ ଧାନ କ୍ରୟ ଦୃଶ୍ୟ । ଖବର ନେବାରେ ଜଣା ପଡିଛି ତାରିଆ ସମବାୟ ସମିତି ଅଧିନରେ ୯୫୪ ଜଣ ଚାଷୀ ୩୫,୦୦୦ କୁଇନ୍ତାଲ୍ ଧାନ ଦେବା ପାଇଁ ପଞ୍ଜୀକୃତ କରିଛନ୍ତି , କିନ । ବର୍ତ୍ତମାନ୍ ସୁଦ୍ଧା ପ୍ରାୟ ୬୪ ଜଣ ଚାଷୀ ୨୦୦୦ କିୟୁଣ୍ଟାଲରୁ ଉର୍ଦ୍ଧ୍ ଧାନ ଦେଇ ସାରିଲେଣି । ଅବଶ୍ୟ ଚାଷୀ ମାନେ ୮୦୦ ଟଙ୍କା ବୋନସ ସହିତ ସମୁଦାୟ କିଉଣ୍ଟଲ ପିଛା ୩୧୦୦ ଟଙ୍କା ପାଉଛନ୍ତି କିନ୍ତୁ କିୟୁଣ୍ଟାଲ୍ ପିଛା ୭ କେଜି ୫୦୦ ଗ୍ରାମ କଟନୀ ଚଟଣୀ ହେଉଥିବା କିଛି ଚାଷୀ ସୂଚନା ଦେଇଛନ୍ତି । କଟଣୀ ଚଟଣୀ ନ ହେଲେ ଧାନ ବିକ୍ରୀ ଭୟକୁ ଛାତିରେ ଚାପି ରଖି ଚାଷୀ ମାନେ କଟନି ଚଟଣୀ ଆଗରେ ମୁଣ୍ଡ ନୁଆଇଁ ସମ୍ପ୍ରତି ପ୍ରକାଶ କରିଥିବା ଜଣା ପଡିଛି । ଅଦିନିଆ ବର୍ଷା ପାଇଁ ଅନେକ ଚାଷୀଙ୍କର ଧାନ ଅମଳ କମି ଯାଇଥିଲେବି ନିର୍ବାଚନ ପୂର୍ବରୁ ଆଗୁଆ ଡିଣ୍ଡିମ ପିଟୁ ଥିବା ସରକାର କଟନି ଚଟଣୀ ବନ୍ଦ କରିବା କରି ପାରୁନଥିବା ସାଧାରଣରେ ଚର୍ଚ୍ଚା ହେଉଛି । ତାରିଆ ସୋସାଇଟ ସମ୍ପାଦକ ତ୍ରିନାଥ କୁମାର ଦାଶ, କିରାଣୀ ହୃଦାନନ୍ଦ ସାମନ୍ତରାୟ , କର୍ମଚାରୀ ଘନଶ୍ୟାମ ବଳିୟାର ସିଂ , ନିହାର ରଞ୍ଜନ ପାଇକରାୟଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାରେ ଧାନ ମଣ୍ଡିରେ ଧାନ କ୍ରୟ ହେଉଥିବା ଜଣା ପଡିଛି ।

# ଓଳାଶୁଣି ସନ୍ଥ ଅରକ୍ଷିତ ପିଠର ପ୍ରଚାର ପ୍ରସାର ଆବଶ୍ୟକତା ରହିଛି



ମାହାଙ୍ଗା : ଦ୍ୱାଦଶ ରାଜ୍ୟ ସ୍ତରୀୟ ଓଳାଶୁଣି ମହୋତ୍ସବ ର ଆୟୋଜକ ଓଳାଶୁଣି ଗୁମ୍ଫା ଉନ୍ନୟନ ନ୍ୟାସ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପଲାଇ ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବରେ ଉଦ୍ଘାଟକ ଭାବେ ଯୋଗଦେଇ ଓଡିଶା ବିଧାନ ସଭାର ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଲେ ଯେ ଏହି କ୍ଷେତ୍ର ପରିଦର୍ଶନ ପରେ ମୁଁ ଅତ୍ୟନ୍ତ ଆନନ୍ଦିତ। ସନ୍ଥ ଅରକ୍ଷିତ ବହୁ ନଗ୍ର ଅତିକ୍ରମ କରିବା ପରେ ଏହି କ୍ଷେତ୍ରରେ ପହଞ୍ଚି ସିଦ୍ଧି ଲାଭ କରିଥିଲେ। ଧର୍ମ ର ସୁରକ୍ଷା ପାଇଁ ଏହି ପିଠର ପ୍ରଚାର ଓ ପ୍ରସାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ଯାହାକି ଆମ୍ଭ ଧର୍ମ ସଂସ୍କୃତି ରକ୍ଷା ପାଇଁ ଏକ ଦୃଷ୍ଟାନ୍ତ ହେବ। ଏଥିପାଇଁ ଆବଶ୍ୟକ ସରକାରୀ ସହଯୋଗ ରେ ସ୍ଥାନୀୟ ବିଧାୟକ ଙ୍କ ସହ ମୁଁ ମଧ୍ୟ ସହାୟକ ହେବ ବୋଲି ମାନ୍ୟବର ବାଚସ୍ପତି ଦୃଢୋକ୍ତି ପ୍ରକାଶ କରିଥିଲେ। ଓଳାଶୁଣି ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ର ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ ଙ୍କ ଅଧକ୍ଷତାରେ ଅୟୋଜିତ ଏହି ମହୋତ୍ସବରେ ମୁଖ୍ୟ ଅତିଥିଭାବେ ବଡଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ କହିଲେ ଯେ ଅଷ୍ଟାଦଶ ଶତାବ୍ଦୀ ର ସନ୍ଥ ଅରକ୍ଷିତ ଦାସ ଆମ ମାଟିରେ ସାଧନା କରି ପିଢି ପରେ ପିଢି ପାଇଁ ଆଲୋକ ବର୍ତ୍ତିକା ସାଜି ମାର୍ଗ ଦର୍ଶନରେ ସହଭାଗୀ ହୋଇପାରିଛନ୍ତି। ଏହି ପିଠର ବିକାଶ ପାଇଁ ଆମ୍ଭ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ମହାସଚିବ ନରେଶ ଚନ୍ଦ୍ର ଦାସ, ମହନ୍ତ ସୁବଳ ଚରଣ ଦାସ ମହାରାଜ,ନଙ୍ଗୁଳି ମଠର ମହନ୍ତ ପର୍ଶୁରାମ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମହାପୁରୁଷ ଙ୍କ ଜୀବନ ଆଦର୍ଶ ଉପରେ କରିଥିଲେ। ଅନୁଷ୍ଠାନ ର ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ ଭୂୟାଁ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟି ପ୍ରଗତିବାଦୀ ର କାର୍ଯ୍ୟ ନିର୍ବାହୀ ସଂପାଦକ ବିରୁପାକ୍ଷ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହିମଣ୍ଡଳେଶ୍ୱର ମହନ୍ତ ସୁବଳ ଚରଣ ଦାସ ମହାରାଜ ଗୌର ବିହାର ଆଶ୍ରମ ପୁରୀ ଙ୍କୁ ସନ୍ଥ ଅରକ୍ଷିତ ଦାସ ସମ୍ମାନ, ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ମହାସଚିବ ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ର ଡଃ ନରେଶ ଚନ୍ଦ୍ର ଦାସ ଙ୍କୁ ମାଆ ଓଳାଶୁଣି ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ଏଥି ସହିତ ବହୁ ସାଧୁ ସନ୍ଥ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ପ୍ରାକ୍ତନ ସରପଞ୍ଚ ସରସ୍ୱତୀ ବେହେରା,। ଧନ୍ୟବାଦ ଦେଇଥିଲେ ଟ୍ରଷ୍ଟି ସଦସ୍ୟ ଶ୍ରୀକାନ୍ତ କୁମାର ସାମଲ। ପ୍ରଥମେ ଦେବୀ ଓଳାଶୁଣୀ ପିଠରେ ପୂଜାର୍ଚ୍ଚନା, ସନ୍ଥ ଅରକ୍ଷିତ ଦାସ ଙ୍କ ସମାଧି ପିଠ ଦର୍ଶନ ସହ ବଡଦାଣ୍ଡ ସ୍ଥିତ ମହୋତ୍ସବ ସ୍ଥଳ କୁ ଆଜ୍ଞାମାଳ ଯାତ୍ରା କରାଯାଇଥିଲା।

# ପ୍ରାକ୍ଟୀକଲ ପରୀକ୍ଷାରେ ପାସ କରାଇ ଦେବା ବାହାନାରେ ସାଇବର ଠକ ର ମିଥ୍ୟା କଲ୍



ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ପଢୁଥିବା ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଗତ ଜାନୁଆରୀ ୨୪ ତାରିଖ ଠାରୁ ଲଗାତାର ଗୋଟିଏ ମୋବାଇଲ ନମ୍ବର ୬୩୭୦୧୧୦୬୨୭ ନମ୍ବର୍ ରୁ ମିଥ୍ୟା କଲ ଆସୁଥିବା ଅଭିଯୋଗ ହୋଇ ଆସୁଛି । ଏନେଇ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଭୟର ବାତାବରଣ ସୃଷ୍ଟି ହେଉଛି । ସୂଚନାନୁସାରେ ସାଇବର ଠକ ପ୍ରିନ୍ସିପାଲ ପରିଚୟ ଦେଇ ମିଥ୍ୟା କଲ କରି ତୁମ ପିଲା ପ୍ରାକଟିକାଲ ର ଗୋଟିଏ ବିଷୟରେ ଫେଲ କରିଛି , ଯଦି ପାସ କରିବାର ଅଛି ଅଧ ଘଣ୍ଟା ମଧ୍ୟରେ ଏହି ନମ୍ବର୍ ରେ ୪୦୦୦ ଟଙ୍କା ପଠାଅ ଅନ୍ୟଥା ତୁମ ପିଲା ଆଗାମୀ ପରୀକ୍ଷା ଦେଇ ପାରିବେ ନାହିଁ । ପୁଣି ଟଙ୍କା ପଠାଇବା ପାଇଁ କ୍ୟୁ ଆର୍ କୋଡ, ବ୍ୟାଙ୍କ ଏକାଉଣ୍ଟ ନମ୍ବର ,ଫୋନ୍ ପେ ନମ୍ବର ,ଇତ୍ୟାଦି ପଠାଉଛି ଓ ଟଙ୍କା ଯଥା ଶୀଘ୍ର ପଠାଅ ଅଯଥା ଦୋଷ ନ ଦେବା କହି ମିଥ୍ୟା କଲ ବାରମ୍ବାର କରୁଛି । ଏହା ସାଇବ ଠକର କାମ । ପ୍ରିନ୍ସିପାଲା ସାର ନାମରେ ଉକ୍ତ ଫ୍ରଡ ମୋବାଇଲ ନମ୍ବର କଲେଜ ଅଧକ୍ଷ ଙ୍କର ନୁହଁ । ଏପରି କଲ ଆସିଲେ କେହି ଠକାମିର ଶିକାର ନ ହୋଇ ପଇସା ନ ଦେବା ପାଇଁ ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷ ହେମନ୍ତ କୁମାର ମୁଣ୍ଡ ଅନୁରୋଧ ରଖିଛନ୍ତି ।

# ଲୁହାଶିଳା ଆର କେ ଜୁନିୟର କଲେଜରେ ମତଦାତା ଦିବସ ପାଳିତ



ରାଇରଙ୍ଗପୁର - : ବିଜାତଳା ବ୍ଲକ ଅନ୍ତର୍ଗତ ଲୁହାଶିଳା ସ୍ଥିତ ଅର.କେ. ଜୁନିଅର କଲେଜରେ ଛାତ୍ରଛାତ୍ରୀ ତଥା କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଏକ 'ମତଦାତା କର୍ମଶାଳା' କଲେଜ ଅଧକ୍ଷ କବି ସଂଗ୍ରାମ ଶତପଥୀ ଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଯାଇଛି। ଦେଶରେ ହେଉଥିବା ସାଧାରଣ ନିର୍ବାଚନରେ ମତଦାତା ବା ଭୋଟରମାନେ କିପରି ସକ୍ରିୟ ଭାବେ ଅଂଶଗ୍ରହଣ କରିବେ ଏବଂ ନିର୍ବାଚନର ଗାରିମାକୁ ଅକ୍ଷୁଣ୍ଣ ରଖିବା ସହ ନିର୍ଭୀକ ହୋଇ କିପରି ଜାତି,ଧର୍ମ, ବର୍ଣ୍ଣ, ଭାଷା ଗୋଷ୍ଠୀ ଅଥବା ଅନ୍ୟ କୌଣସି ସଙ୍କୁଚିତ ବିଚାର କି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ନିଜର ମତାଧିକାର ପ୍ରୟୋଗ କରିବେ, ସେଥିନେଇ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ। ଏ ଅବସରରେ ଆୟୋଜିତ ଏକ ସଭାରେ କଲେଜର ଅଧାପକ ଅଜୟ କୁମାର ଗିରି, ଶଶିକାନ୍ତ ନନ୍ଦ, ରୂପ ନାରାୟଣ ମଝି, ରମାକାନ୍ତ ପତ୍ର, ସଂଜୀବ କୁମାର ଗିରି ପ୍ରମୁଖ ଯୋଗ ଦେଇ ପିଲାଙ୍କୁ ଏ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଦେଶରେ ହେଉଥିବା ସାଧାରଣ ନିର୍ବାଚନରେ ମତଦାତାମାନେ କିପରି ସକ୍ରିୟ ଭାବେ ଅଂଶଗ୍ରହଣ କରିବେ ଏବଂ କିପରି ନିର୍ବିଘ୍ନରେ ଭାରତର ଗାଣତନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହୋଇପାରିବେ, ଏଥିନେଇ ଏହି କର୍ମଶାଳାରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଅପ୍ରେଲ ୧୭

# ହିମୋଫିଲିଆ ଓ ରକ୍ତଦାନ



ଡକ୍ଟର ସୁରେଶ କୁମାର ନାୟକ

ଆଜି ହେଉଛି ବିଶ୍ୱ ହିମୋଫିଲିଆ ଦିବସ। ପ୍ରତିବର୍ଷ ଅପ୍ରେଲ ୧୭ ତାରିଖରେ ଏହି ଦିବସଟି ପାଳନ କରାଯାଇ ଆସୁଅଛି। ୧୯୮୯ ମସିହାରୁ ଏହି ଦିବସ ପାଳନ କରାଯାଉଛି। ହିମୋଫିଲିଆ ଏକ ବଂଶଗତ ରୋଗ। ମାଆ ଠାରୁ ଶିଶୁକୁ ଏହି ରୋଗ ସଂକ୍ରମିତ ହୋଇଥାଏ। ୱାର୍ଲ୍ଡ଼ ଫେଡେରେସନ ଅଫ୍ ହିମୋଫିଲିଆ ଦ୍ୱାରା ପ୍ରଦତ୍ତ ଏକ ରିପୋର୍ଟ ଅନୁସାରେ, ପ୍ରତି ବର୍ଷ ସାରା ବିଶ୍ୱରେ ପ୍ରତି ଦଶ ହଜାର ମଧ୍ୟରେ ଜଣେ ଶିଶୁ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଜନ୍ମ ନିଏ। ଏହା ଏକ ବଂଶଗତ ରୋଗ। ହିମୋଫିଲିଆସ୍ (ହିମୋଫିଲିଆ ରୋଗରେ ଆକ୍ରାନ୍ତ ବ୍ୟକ୍ତି) ଠାରେ ରକ୍ତ ଜମାଟ ବାନ୍ଧିବାର ସ୍ତର କମ୍ ଥାଏ। ଫଳରେ ବହୁତ ସମୟ ଧରି ରକ୍ତ ବାହାରିଥାଏ। ଏହା ଏକ ସାଧାରଣ ରୋଗ ଜଣାଯାଉଥିଲେ ମଧ୍ୟ ଶରୀରରେ ବହୁତ କ୍ଷତି ପହଞ୍ଚାଇଥାଏ। ହେଲେ ଏ ରୋଗ ବିଷୟରେ ଅଧିକାଂଶ ସଚେତନ ନୁହନ୍ତି। ଏଥିପାଇଁ ଚଳିତ ବର୍ଷର ଏହି ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ବିଷୟବସ୍ତୁ ରହିଛି। ତାହା ହେଉଛି 'ପରିବାରର ସମର୍ଥନ'। ଏହି ରୋଗ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କୁ ପରିବାରର ସମର୍ଥନ ନିହାତି ଜରୁରୀ। କାରଣ ଯେ କୌଣସି ବ୍ୟକ୍ତି ବା ପିଲାଠାରେ ଏହି ସମସ୍ୟା ଦେଖାଦେଲେ ପ୍ରଥମେ ପରିବାର ଲୋକ ଜାଣପାରିବେ। ତେଣୁ ପରିବାର ଲୋକ ଯଦି ଏଥିପ୍ରତି ସଚେତନ ହୋଇ ଡାକ୍ତରଙ୍କ ପରାମର୍ଶ କରିବେ, ତେବେ ରୋଗୀ ଜଣକ ସୁସ୍ଥ ହୋଇପାରିବ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ରୋଗର ସମ୍ପର୍କ ସୃଷ୍ଟିର ସବୁଠାରୁ ଅମୂଲ୍ୟ ସମ୍ପଦ ରକ୍ତ ସହିତ ରହିଛି। ପ୍ରଶ୍ନ ଉଠିବ ସମସ୍ତଙ୍କ ଶରୀରରେ ତ ରକ୍ତ ରହିଛି ତାହାହେଲେ ଏ ରକ୍ତକୁ ନେଇ ଆଲୋଚନା କାହିଁକି ? ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଏ ପୃଥିବୀରେ ଯେତେ ମୃତ୍ୟୁ ହୋଇଥାଏ ସବୁଠାରୁ ଅଧିକ ଏହି ରକ୍ତଜନିତ କାରଣରୁ ହିଁ ହୋଇଥାଏ। ଅନେକ ମୁମୂର୍ଷୁ, ଅସହାୟ ଏବଂ ଅଜ୍ଞାତରେ ରକ୍ତ ସମ୍ବନ୍ଧରେ ନ ଜାଣି ଏବଂ ଯଥାର୍ଥ ସମୟରେ ରକ୍ତ ନ ମିଳିବାରୁ ଅକାଳରେ ଜୀବନ ଦୀପ ଲିଭିଯାଏ।

ଏ ଜୀବନରେ ଶ୍ରେଷ୍ଠତମ ସମର୍ପଣ ଓ ନିଃସ୍ୱାର୍ଥପର ପୁଣ୍ୟ ବୋଇଲେ ରକ୍ତଦାନକୁ ବୁଝାଏ। ରକ୍ତଦାନ ଦ୍ୱାରା ଜଣେ ପ୍ରଥମତଃ ସେବା ମହକତା ଅନୁଭବ କରିପାରେ ଦ୍ୱିତୀୟତଃ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇ ଆତ୍ମ ସନ୍ତୋଷ ପାଇପାରିଥାଏ। ସେହିପରି ରକ୍ତ ଦେବା ଦ୍ୱାରା ଶରୀର ମଧ୍ୟ ବେଗବାନ ଓ ତେଜୀୟାନ ହୋଇପାରିଥାଏ। ଯେ କେହି ୧୮ରୁ ୧୬ ବର୍ଷ ବୟସର ହୋଇଥିଲେ ଏବଂ ଓଜନ ୪୫ କି.ଗ୍ରା.ରୁ ବା ତାଠାରୁ ଅଧିକ ଥିଲେ ସେ ରକ୍ତଦାନ କରିପାରିବେ। ପଲ୍ସ ରେଟ୍ (ନାଡ଼ିର ସ୍ପନ୍ଦନ) ଓ ବିପି ଉଭୟ ଠିକ୍ ଥିଲେ ଓ ହିମୋଗ୍ଲୋବିନ (ଏଚ୍‌ବି) ଅତି କମ୍‌ରେ ୧୨.୫ ଥିବା ଦରକାର । ଏହାର ପରବର୍ତ୍ତୀ ରକ୍ତଦାନ ଅତି କମ୍‌ରେ ୩ ମାସ ପୂର୍ବରୁ ହୋଇଥିବ। ଏହିମାନେ ହିଁ ରକ୍ତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ବିପଜ୍ଜନକ ରୋଗରେ ଆକ୍ରାନ୍ତ ନହୋଇ ଅନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସିତ ହେଉଥିବେ ତେବେ ସେ ରକ୍ତଦାନ କରିପାରନ୍ତି ।

ଖରାଦିନେ ବିଶେଷକରି ରକ୍ତଦାନ ଶିବିର ଅତି କମ ହୋଇଥାଏ। କାରଣ ଲୋକମାନଙ୍କ ଭିତରେ ଏହି ତୀକ୍ଷଣ ଖରାକୁ ନେଇ ଅଜଣା ଭୟ ରହିଥାଏ। ତେବେ ବାସ୍ତବ କଥା ହେଉଛି ବର୍ଷର ସବୁ ସମୟରେ ଯେ କେହି ରକ୍ତଦାନ କରିପାରିବେ। ବର୍ଷର ବିଭିନ୍ନ ସ୍ୱତନ୍ତ୍ର ଦିବସ ତଥା ଅନେକ ଲୋକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି। ଓଡ଼ିଶାର ମାନବୀୟ ମୂଲ୍ୟବୋଧ ଓ ଶିକ୍ଷାର ଦିଗବାରେଣୀ ସାଜିଥିବା ଅନ୍ୟତମ ଶିକ୍ଷାନୁଷ୍ଠାନ ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ପବ୍ଲିକ ସ୍କୁଲ ତରଫରୁ ଆସନ୍ତା ଅପ୍ରେଲ ୨୬ ତାରିଖରେ ଅନୁଷ୍ଠାନ ସତରତମ ପ୍ରତିଷ୍ଠା ଦିବସ ପାଳନ କରୁଥିବାରୁ ସମ୍ବାଦ, ଆମ ଓଡ଼ିଶା, ରୋଟାରୀ କ୍ଲବ ଅଫ କଟକ, ବାରବାଟୀ, ସ୍ଥାନୀୟ ସେକ୍ଟର ଆଠ, ସେକ୍ଟର ନଅ, ସେକ୍ଟର ଦଶ ପୂଜା କମିଟିର ମିଳିତ ସହଯୋଗରେ ଏକ ଦିବସବ୍ୟାପୀ ମେଗା ରକ୍ତଦାନ ଶିବିର ଓ ରକ୍ତଦାନ ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ସେକ୍ଟର ଛଅର ସାଇ ନେତ୍ରଧାମ ସହଯୋଗରେ ବିନା ମୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହେବ। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ମାର୍ଗଦର୍ଶନ, ପ୍ରତିଷ୍ଠାତ୍ରୀ ମଞ୍ଜୁଶ୍ରୀ ମିଶ୍ରଙ୍କ ପୌରହିତ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁରେଶ କୁମାର ନାୟକ ଓ ଟ୍ରଷ୍ଟି ଚନ୍ଦନ ମହାନ୍ତିଙ୍କ ପରିଚାଳନାରେ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ପ୍ରାଥମିକ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆଡ୍‌ମିନ ମିନୁ ପଟ୍ଟନାୟକ, ସ୍ୱାତି ଶ୍ରୀଲେଖା, ପ୍ରଦୀପ କୁମାର ନାୟକ, ଶ୍ରୁତକୀର୍ତ୍ତି ପଟ୍ଟନାୟକ, ଦିବ୍ୟାଂଶୀ ପରିଡ଼ା, ମୀନତି ଭୂୟାଁ, ପରମିତା ଶୁଭଦର୍ଶିନୀ, ପିଙ୍କି ମହାପାତ୍ର, ଅଭିଶେକ ସାହୁ, ସ୍ମୃତିରଞ୍ଜନ ନାୟକ, ଆଦିତ୍ୟ ଦାସ, ପ୍ରତୀକ ଚାଟାର୍ଜୀ ଓ ପୂଜା କମିଟିର ପ୍ରତିନିଧି ଭାବେ ଭାସ୍କର ନାୟକ, ଅଶୋକ ଚୌଧୁରୀ, ମନୋରଞ୍ଜନ ଦାସ ଓ ସେକ୍ଟର ଏଗାରର ଅକ୍ଷୟ ଦାସଙ୍କ ସମେତ ସମ୍ବାଦ ଓ ଆମ ଓଡ଼ିଶାର ପ୍ରତିନିଧି କେ.ଯୋଗାନନ୍ଦ ଉପସ୍ଥିତ ରହି ପରାମର୍ଶ ପ୍ରଦାନ କରିଥିଲେ। କୌଣସି କାରଣବଶତଃ ଯେଉଁ ବ୍ୟକ୍ତି କ୍ରମାଗତ ଭାବରେ ଅସୁସ୍ଥ ଓ ଗର୍ଭବତୀ ବା ପ୍ରସୂତି ମହିଳା ଏବଂ ଋତୁଚକ୍ର ମଧ୍ୟରେ ମହିଳାମାନେ ରକ୍ତଦାନ କରିପାରିବେ ନାହିଁ । ଯେଉଁମାନଙ୍କର ଭୂତାଣୁ ଜନିତ ସଂକ୍ରମଣ ଅଛି, ରକ୍ତଦ୍ୱାରା ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଥାଏ । ଲିଭର, ହୃତ୍‌ପିଣ୍ଡ, କିଡ଼ନୀ, ମସ୍ତିଷ୍କ ବା ଫୁସ୍‌ଫୁସ୍ ସମସ୍ୟା ଥିଲେ । ଶ୍ୱାସରୋଗ, କ୍ୟାନସର କିମ୍ବା ହେପାଟାଇଟିସ୍ ଥିଲେ । ଯେଉଁମାନେ ରକ୍ତଚାପ ଔଷଧ ଖାଉଛନ୍ତି ସେମାନେ ରକ୍ତଚାପ ନିୟନ୍ତ୍ରିତ ହେବା ପରେ ରକ୍ତ ଦେଇପାରନ୍ତି । ଯେଉଁ ବ୍ୟକ୍ତିଙ୍କ ଓଜନ ହଠାତ୍ ୫ / ୧୦ କେଜି କମ୍ ହୋଇଯାଏ ସେମାନେ ଯାଞ୍ଚ ପରେ ରକ୍ତ ଦେଇପାରନ୍ତି ।

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମତାପ ଦେଖା ଦେଇଥିବାବେଳେ ପ୍ରାୟତଃ ଖରାଦିନେ ବିଭିନ୍ନ ରକ୍ତଭଣ୍ଡାରେ ରକ୍ତ କମିଯାଏ। ଯାହାଫଳରେ ଗୁରୁତର, ମୁମୂର୍ଷୁ, ନିୟମିତ ରକ୍ତ ନେଉଥିବା ସିକିଲସେଲ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ଭାଇଚାରାର ସହର କଟକରେ ଅନେକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥାଏ। ଅନେକ ହୁଏତ ଜାଣି ନଥିବେ ଦୁର୍ଘଟଣାର ଆହତ ବ୍ୟକ୍ତଟି ହୁଅନ୍ତୁ ବା ବଡ଼ ଅସ୍ତ୍ରୋପଚାର, ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟ ହେଉ ବା ଥାଲାସେମିଆ, ଏନିମିଆ, କ୍ୟାନସର, କେମୋ ଥେରାପି, ଡାୟାଲିସିସ୍, ହେମୋଫିଲିଆ ବା ରକ୍ତ ସମ୍ବନ୍ଧିତ ଅନ୍ୟ ରୋଗ ମାନଙ୍କୁ ରକ୍ତ ଦରକାର ପଡ଼ିଥାଏ। ବାସ୍ତବରେ ରକ୍ତଦାନକୁ ନେଇ ଅନେକଙ୍କ ଭିତରେ ଅନେକ ଭ୍ରାନ୍ତି ଓ ଭୁଲ ବୁଝାମଣା ଥାଏ। ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେକ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/ ୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ । ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ । ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ । ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ । ପଇସା ବଦଳରେ ରକ୍ତ ମିଳେ ନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ । ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ । ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ । ଆଜି ବିଶ୍ୱ ହିମୋଫିଲିଆ ବା ରକ୍ତଜନିତ ରୋଗ ଏହି ଦିବସ ଅବସରରେ ଆପଣ ମାନଙ୍କ ଭିତରେ ରକ୍ତଦାନ ପ୍ରତି ଆଗ୍ରହ ଓ ଶ୍ରଦ୍ଧା ଅତୁଟ ରହିଲେ ଏହି ଦିବସର ଗୁରୁତ୍ୱ ପ୍ରତୀୟମାନ ହୋଇପାରିବ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୫୯୨

# ଇତିହାସର ଭୁଲକୁ ସୁଧାରିବାରର ସମୟ



ଡ ସୌମ୍ୟରଞ୍ଜନ ନନ୍ଦ

ଆମେରିକାର ଡିପ ଷ୍ଟେଟ ଦ୍ୱାରା ଶେଖ ହସିନାଙ୍କୁ ବିତାଡିତ କରା ଯାଇ ବସା ଯାଇଥିବା ବଙ୍ଗଳାଦେଶୀ ସରକାରରେ ପରାମର୍ଶଦାତା ମୋହମ୍ମଦ ୟୁନିସ ପ୍ରଥମ ଦିନରୁ ହିଁ ଭାରତ ବିରୁଦ୍ଧରେ ବିଷେଦଗାର କରି ଆସୁଛନ୍ତି । ତେବେ ଆମେରିକାରେ ବାଇଡେନଙ୍କ ପରାଜୟ ପରେ ସେ ଏବେ ଚୀନର କୋଳରେ ବସିଯାଇଥିବା ଦେଖିବାକୁ ମିଳୁଛି । କିଛି ଦିନ ପୂର୍ବେ ୟୁନୁସ ଚୀନର ଗସ୍ତରେ ଯାଇଥିଲେ । ସେଠାରେ ଯାଇ ସେ ଯେଉଁ ପ୍ରକାରର ବକ୍ତବ୍ୟ ଦେଇଛନ୍ତି ତାହା ଭାରତର ସୁରକ୍ଷା ବିଶେଷଜ୍ଞ ମାନଙ୍କୁ ଚିନ୍ତିତ କରିଛି । ସେ ଚୀନ ଗସ୍ତରେ ଯାଇ କହିଥିଲେ ଯେ ଭାରତର ପୂର୍ବୋତ୍ତର ଭାରତର ସାତଟି ରାଜ୍ୟ ଲ୍ୟାଣ୍ଡ ଲକଡ ଅର୍ଥାତ ଭୂମି ଦ୍ୱାରା ଘେରି ହୋଇ ରହିଛି । ସେମାନଙ୍କୁ ସମୁଦ୍ର ନିକଟକୁ ଯିବାର କୌଣସି ରାସ୍ତା ନାହିଁ। ଏହି ଅଂଚଳ ଗୁଡିକ ପାଇଁ ସମୁଦ୍ରକୁ ଯିବାକୁ ବଙ୍ଗଳାଦେଶ ହିଁ ଏକମାତ୍ର ମାଲିକ । ଏତିକି କହିବା ସହ ୟୁନୁସ ଚୀନକୁ ଏହାର ଲାଭ ଉଠାଇବାକୁ ନିମନ୍ତ୍ରଣ ମଧ୍ୟ ଦେଇଛନ୍ତି । ମୋହମ୍ମଦ ୟୁନୁସ କହିଛନ୍ତି ଯେ ଚୀନ ଏହି ଅଂଚଳରେ ଉତ୍ପାଦନ ଓ ବିକ୍ରି କରି ପାରିବ । ୟୁନୁସ ଚୀନ ଗସ୍ତରେ ଯାଇ ଏଭଳି ବକ୍ତବ୍ୟ ଦେବା ବାସ୍ତବରେ ଏକ ପ୍ରକାର ବଙ୍ଗଳାଦେଶର ଧମକ ବୋଲି ଧରିବାକୁ ହେବ । ଆଉ ଏକ କଥା ଏଠାରେ ମନେ ରଖିବାକୁ ପଡିବ ଭାରତ ଓ ଅବଶିଷ୍ଟ ଭାରତକୁ ଯୋଡୁଥିବା ସିଲିଗୁଡି କରିଡର ନିକଟରୁ ଚୀନର ସୀମା ଅଧିକ ଦୂର ନୁହେଁ। ଚୀନ ୨୦୧୭ ମସିହାରେ ଏହା ନିକଟରେ ଭୂଟାନର ଡୋକଲାମ ସୀମାରେ କଣ କରିଥିଲା ତାହା ମଧ୍ୟ ସମସ୍ତଙ୍କୁ ମନେ ଅଛି । ତେଣୁ ମୋହମ୍ମଦ ୟୁନୁସ ନିଜେ ଏହି କଥା କହି ଥାଇ ପାରନ୍ତି ବା ଏହି କଥାକୁ ୟୁନୁସଙ୍କ ମୁହଁରୁ କୁହାଇବା ପଛରେ ଚୀନର ହାତ ରହିଥାଇ ପାରେ । ଏହାକୁ ଧ୍ୟାନରେ ରଖି ୟୁନୁସଙ୍କ ଏହି ଧମକକୁ ଭାରତ ଅତ୍ୟନ୍ତ ଗୁରୁତ୍ୱର ସହ ନେବା ଉଚିତ ଓ ଏହାକୁ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ।

ପ୍ରଥମେ ସିଲିଗୁଡି କରିଡର ଉପରେ ଆଲୋଚନା କରିବା । ପୂର୍ବୋତ୍ତର ଭାରତର ରାଜ୍ୟ ଓ ଅବଶିଷ୍ଟ ଭାରତକୁ ସିଲିଗୁଡି କୋରିଡର ସଂଯୋଗ କରିଥାଏ । ପାଖାପାଖି ୨୦ କିମି ଚଉଡା ଏହି ସିଲିଗୁଡି କରିଡରକୁ ଚିକେନ ନେକ୍ ବୋଲି ମଧ୍ୟ କୁହା ଯାଇଥାଏ । ସିଲିଗୁଡି କରିଡରର ଗୋଟିଏ ପଟେ ବଙ୍ଗଳାଦେଶ ରହିଛି ତ ଅନ୍ୟ ପଟେ ନେପାଳ ଓ ଭୂଟାନ ରହିଛି । ଏହା ଭାରତର ୨.୬୨ ଲକ୍ଷ ବର୍ଗ କିମି ଅଥବା ଭାରତର ମୋଟ ଭୂମିର ୮ ପ୍ରତିଶତ ଭାଗକୁ ଯୋଡିଥାଏ । ଏହି କରିଡର ନିକଟରେ କିଶନଗଂଜ ଓ ପୂର୍ଣ୍ଣିଆ ଭଳି ଜିଲ୍ଲା ଲାଗିଛି । ଏହି ଉଭୟ ଜିଲ୍ଲା ମୁସଲମାନ ବହୁଳ ହୋଇ ସାରିଛି ।

ସିଲିଗୁଡି କରିଡରର ଗୁରୁତ୍ୱକୁ ବୁଝିବାକୁ ହେଲେ କିଛି ତଥ୍ୟ ଉପରେ ଦୃଷ୍ଟି ପକାଇବାକୁ ପଡିବ । ପ୍ରତିଦିନ ଏହି କରିଡର ଦେଇ ୧୦ ଲକ୍ଷରୁ ଊର୍ଦ୍ଧ ବାହନ ଯାଇଥାଏ । ପ୍ରତିଦିନ ଏହି କରିଡର ଦେଇ ୨୪ ଶହ ଟନ ମାଲ ଯାଇଥାଏ । ସିଲିଗୁଡି କରିଡର ୩୦ ବର୍ଷ ପୂର୍ବରୁ ହିନ୍ଦୁ ବହୁଳ ଥିଲା । ହେଲେ ଗତ କିଛି ବର୍ଷ ମଧ୍ୟରେ ହଜାର ହଜାର ସଂଖ୍ୟାରେ ବଙ୍ଗଳାଦେଶୀ ମୁସଲମାନ ଓ ରୋହିଙ୍ଗିଆ ମୁସଲମାନ ମାନଙ୍କର ଅନୁପ୍ରବେଶ କାରଣରୁ ଏହି ଅଂଚଳର ଡେମୋଗ୍ରାଫି ପରିବର୍ତନ ହୋଇ ସାରିଲାଣି । ଏହି ଅଂଚଳରେ ବଙ୍ଗଳାଦେଶ ଓ ମ୍ୟାଁମାରରୁ ଆସୁଥିବା ମୁସଲମାନ ଅନୁପ୍ରବେଶକାରୀ ମାନଙ୍କର ଆସିବା କାରଣରୁ ଉତର ବଙ୍ଗଳା ଓ ଆସାମର ବଙ୍ଗଳାଦେଶର ସୀମାକୁ ଲାଗିଥିବା ଅଧିକାଂଶ ଜିଲ୍ଲା ମୁସଲମାନ ବହୁଳ ହୋଇ ସାରିଲାଣି । ତେଣୁ ଏହାର କେତେ ଗୁରୁତ୍ୱ ତାହା ବୁଝା ପଡୁଛି । ଭାରତର ଶତ୍ରୁ ମାନେ ଏହାକୁ ଭଲ ଭାବେ ଜାଣନ୍ତି । ମୋହମ୍ମଦ ୟୁନୁସଙ୍କ ଚୀନର ମାଟିରେ ଯାଇ ଏଭଳି ବକ୍ତବ୍ୟ ଏହି ପୃଷ୍ଠଭୂମିରେ ବୁଝିବାକୁ ପଡିବ ।

ଦେଶରେ ଯେତେବେଳେ ସିଏଏ ବିରୋଧୀ ଆନ୍ଦୋଳନ ହେଉଥିଲା ସେତେବେଳେ ଇସଲାମୀ କଟ୍ଟରପନ୍ଥୀ ଶରଜିଲ ଇମାମ ମଧ୍ୟ ଏହି ସିଲିଗୁଡି କରିଡରକୁ ନେଇ ବକ୍ତବ୍ୟ ଦେଇଥିଲା [illegible] ମାନଙ୍କୁ ଅପିଲ କରିଥିଲା ଯେ ସେମାନେ ଚିକେନ ନେକ୍ କୁ କାଟି ଦିଅନ୍ତୁ ଓ ପୂର୍ବୋତର ଭାରତକୁ ଅବଶିଷ୍ଟ ଭାରତରୁ କାଟି ଦିଅନ୍ତୁ ।

ତେଣୁ ଏହି ଗୁରୁତର ସମସ୍ୟାର ସମାଧାନର ରାସ୍ତା ଖୋଜିବାର ଆବଶ୍ୟକତା ରହିଛି । ଏହା ହେଉଛି ଯେ ଚିକେନ ନେକ୍ କୁ ଏଲିଫେଂଟ ନେକରେ ପରିବର୍ତନ କରିବାକୁ ହେବ । ଯାହାକୁ ଚିକେନ ନେକ କୁହା ଯାଉଛି ତା ନିକଟରେ ବଙ୍ଗଳାଦେଶର ରଙ୍ଗପୁର ଡିଭିଜନ ରହିଛି । ଏହି ରଙ୍ଗପୁର ଡିଭିଜନକୁଭାରତରେ ମିଶାଇ ଚିକେନ ନେକ୍ କୁ ବଡ କରିବାକୁ ପଡିବ । ଏହା ନ କରାଯିବା ଯାଏ ଭାରତର ସୁରକ୍ଷିତ ହୋଇ ପାରିବ ନାହିଁ ।

ୟୁନୁସଙ୍କ ଏହି ଧମକର ପୃଷ୍ଠଭୂମିରେ ଭାରତକୁ ଅନ୍ୟ ବିକଳ୍ପ ଗୁଡିକ ଉପରେ ମଧ୍ୟ ବିଚାର କରିବାର ଆବଶ୍ୟକତା ରହିଛି । ବଙ୍ଗଳାଦେଶର ଚଟ୍ଟଗାଁ ର ପାହାଡିଆ ଅଂଚଳରେ ଅନେତ ଜନଜାତୀୟ ଲୋକ ବସବାସ କରନ୍ତି । ଏଥିରେ ଅନେକ ବୁଦ୍ଧ ମତାବଲମ୍ବୀ ଲୋକ ମାନେ ରହନ୍ତି । ଯେତେବେଳେ ଭାରତର ବିଭାଜନ ହେଲା ସେତେବେଳେ ଚଟ୍ଟଗାଁ ଅଂଚଳକୁ ପାକିସ୍ତାନକୁ ବିନା କାରଣରେ ଦେଇ ଦିଆଯାଇଥିଲା । ପୂର୍ବ ପାକିସ୍ତାନକୁ ବନ୍ଦର ଦିଆଯିବା ଆବଶ୍ୟକ ବୋଲି ସେତେବେଳେ ଏହି ଅଂଚଳକୁ ପାକିସ୍ତାନ ହାତରେ ଟେକି ଦିଆଯାଇଥିଲା । ଏଠାରେ ମୁସଲମାନ ମାନେ ରହୁ ନଥିଲେ । ଏଠାରେ ରହୁଥିବା ଅଧିକାଂଶ ଲୋକ ବୌଦ୍ଧ ଓ ପ୍ରକୃତିପୂଜକ ଜନଜାତି ବର୍ଗର ଥିଲେ । ତଥାପି ତତ୍କାଳୀନ ନେତୃତ୍ୱ ଏହାକୁ ପାକିସ୍ତାନକୁ ଦେଇ ଦେଇଥିଲା । ପରବର୍ତୀ ସମୟରେ ପାକିସ୍ତାନ ଓ ପରେ ବଙ୍ଗଳାଦେଶୀ ସରକାର ଏହି ଅଂଚଳରେ ବଙ୍ଗାଳୀ ମୁସଲମାନ ମାନଙ୍କୁ ବସବାସ କରାଇ ଡେମୋଗ୍ରୋଫି ପରିବର୍ତନ କରିବାକୁ ଚେଷ୍ଟା କରିଥିଲେ । ଏହି ଭୁଲ କାରଣରୁ ସେଠାକାର ଲୋକ ମାନେ ଆଜି ଯାଏ ନିର୍ଯାତନାର ଶୀକାର ହେଉଛନ୍ତି । ତେଣୁ ଏହି ଐତିହାସିକ ଭୁଲକୁ ସୁଧାର କରିବାର ସମୟ ଆସିଛି । ଦ୍ୱିରାଷ୍ଟ୍ରବାଦର ସିଦ୍ଧାନ୍ତ ନାମରେ ଏହି ଅଂଚଳର ଲୋକ ମାନଙ୍କ ସହ ଯେଭଳି ଜୋର ଜବରଦସ୍ତି ଭାବେ ପାକିସ୍ତାନରେ ଛାଡି ଦିଆଗଲା ତାହା ନିନ୍ଦନୀୟ ଥିଲା ।

ଶେଖ ହସିନାଙ୍କୁ ବିତାଡିତ କରିବା ପରେ ସେଠାକାର ହିନ୍ଦୁ- ବୌଦ୍ଧ ଓ ଅନ୍ୟ ସଂଖ୍ୟାଲଘୁ ମାନଙ୍କ ଉପରେ ଅତ୍ୟାଚାର ଓ ନିର୍ଯାତନା ବଢିଛି । ତେଣୁ ବଙ୍ଗଳାଦେଶର ହିନ୍ଦୁ- ବୌଦ୍ଧ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଦୃଷ୍ଟିରୁ ସେମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି । ଚଟଗାଁକୁ ପାକିସ୍ତାନକୁ ସେତେବେଳେ ଦିଆଯାଇ ଯେଉଁ ଭୁଲ କରାଯାଇଥିଲା ତାକୁ ସୁଧାର କରାଗଲେ ସ୍ଥାନୀୟ ହିନ୍ଦୁ- ବୌଦ୍ଧ ମାନଙ୍କ ସହିତ ଭାରତର ଉତର ପୂର୍ବ ରାଜ୍ୟ ମାନଙ୍କୁ ମଧ୍ୟ ଏହାର ଲାଭ ମିଳି ପାରିବ । ଚଟଗାଁ ହିଲ ଟ୍ରାକ୍ଟରେ ତିନୋଟି ଜିଲ୍ଲା ରହିଛି । ଏହି ଜିଲ୍ଲା ଗୁଡିକ ମଧ୍ୟରେ ରଙ୍ଗମାଟି, ବନ୍ଦର୍ବାନ ଓ ଖର୍ଗଛାରି ଅନ୍ୟତମ। ଏହି ଜିଲ୍ଲା ଗୁଡିକ ତ୍ରିପୁରା ଓ ମିଜୋରାମର ସୀମାକୁ ଲାଗିଛି । ଚଟଗାଁ ଓ କକ୍ସ ବଜାରକୁ ମିଶାଇ ଭାରତର ଏକ ନୂଆ ରାଜ୍ୟ ଗଠନ କରିବାର ଆବଶ୍ୟକତା ରହିଛି .। ଏପରି କରାଗଲେ ବଙ୍ଗାଳୀ ହିନ୍ଦୁ, ବୌଦ୍ଧ ମାନେ ବିନା ଭୟରେ ଶାନ୍ତିରେ ବସବାସ କରି ପାରିବେ । ଏହା ଦ୍ୱାରା ୟୁନୁସ ଧମକର ମଧ୍ୟ ସଠିକ ମୁକାବିଲା ହୋଇ ପାରିବ ।

ଏହି ଲକ୍ଷ୍ୟକୁ ହାସଲ କରିବା ଦିଗରେ ଭାରତ ସରକାରଙ୍କୁ ପଦକ୍ଷେପ ନେବାର ସମୟ ଆସିଛି । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଭାରତକୁ ଆନ୍ତର୍ଜାତିକ ସ୍ତରରେ ସଫଳ କୂଟନୀତିର ଆବଶ୍ୟକତା ରହିଛି । ଏହା ବାଦ ବଙ୍ଗଳାଦେଶର କ୍ରୁର ଇସଲାମୀ ଶାସକଙ୍କୁ ମାତ୍ ଦେବାକୁ ସାବଧାନୀପୂର୍ବକ ଯୋଜନାର ମଧ୍ୟ ଆବଶ୍ୟକତା ହେବ । ବଙ୍ଗଳାଦେଶରେ ହିନ୍ଦୁ ମାନଙ୍କ ସଂଖ୍ୟା ୧.୩ କୋଟି ରହିଛି । ଅନ୍ୟ ସଂଖ୍ୟାଲଘୁ ମାନଙ୍କ ସଂଖ୍ୟାକୁ ମିଶାଇ ଦେଲେ ଏହାର ସଂଖ୍ୟା ଖୁବ ଅଧିକ ହେବ। ବଙ୍ଗଳାଦେଶରେ ଯେଭଳି ଭାବେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁ ମାନଙ୍କ ସହ ନିର୍ଯାତନା ଦିଆଯାଇ ଆସୁଛି ସେ ସମ୍ପର୍କରେ ସମଗ୍ର ବିଶ୍ୱକୁ ସଠିକ ଭାବେ ଅବଗତ କରାଇବାକୁ ହେବ । ସାରା ବିଶ୍ୱକୁ ପ୍ରାଂଜଳ ଭାବେ ବୁଝାଇ ଦେବାକୁ ପଡିବ ଯେ ଭାରତ ସବୁବେଳେ ଶରଣାର୍ଥୀ ମାନଙ୍କୁ ଶରଣ ଦେଇ ଆସିଛି । ତେବେ ଭାରତର ସମ୍ବଳ ସୀମିତ ଥିବା ଦୃଷ୍ଟିରୁ ବଙ୍ଗଳାଦେଶରୁ ନିର୍ଯ୍ୟାତିତ ହୋଇ ଆସୁଥିବା ହିନ୍ଦୁ- ବୌଦ୍ଧ ଓ ଅନ୍ୟ ସଂଖ୍ୟାଲଘୁ ମାନଙ୍କୁ ଆହୁରି ଶରଣ ଦେବା ପାଇଁ ଭାରତ ଠାରୁ ଆଶା ରଖିବା ଠିକ ନୁହେଁ । ବଙ୍ଗଳାଦେଶରୁ ନିର୍ଯ୍ୟାତିତ ହୋଇ ଆସୁଥିବା ସଂଖ୍ୟାଲଘୁଙ୍କ ପାଇଁ ବଙ୍ଗଳାଦେଶର ଭୂମିକୁ ହିଁ କାଟି ଭାରତକୁ ରାଜ୍ୟ ତିଆରି କରିବାକୁ ପଡିବ । ତା ହେଲେ ଯାଇ ମାନବିକତାର ରକ୍ଷା ହୋଇ ପାରିବ। ଚୀନର ଲୋଲୁପ ଦୃଷ୍ଟି ଓ ୟୁନୁସଙ୍କର ଧମକକୁ ଭାରତ ସରକାର ମଧ୍ୟ ନିଶ୍ଚିତ ଭାବେ ଗୁରୁତ୍ୱର ସହ ନେଉଥିବେ । ତେଣୁ ଏ ଦିଗରେ ଭାରତ ସରକାର ନିଶ୍ଚିତ ଭାବେ ଚିନ୍ତା କରୁଥିବେ ବୋଲି ଆଶା କରିବା ।

# ଉତ୍କଳର ବରପୁତ୍ର : ବିଜୁବାବୁ



ଅକ୍ଷୟ କୁମାର ରାଉତ

୧୯୩୬ ମସିହା, ଏପ୍ରିଲ୍ ପହିଲା । ସମଗ୍ର ଓଡ଼ିଆ ଜାତିର ଏକ ସ୍ମରଣୀୟ ଦିବସ । ଏହି ଦିନ ଓଡିଶା ଆମର ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ଲାଭ କରିଥିଲା । ଏହାପରେ ଆମ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାରେ ଯେଉଁ ବରପୁତ୍ରମାନେ ଜୀବନକୁ ଉତ୍ସର୍ଗ କରି ପାରିଥିଲେ, ବିଜୁବାବୁ ସେମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କର ଅଚିନ୍ତନୀୟ ପରିକଳ୍ପନା, ଅସାଧାରଣ କର୍ତବ୍ୟନିଷ୍ଠା ଓ ଜାତିପ୍ରୀତି ହିଁ ଓଡିଶାର ଅଭିବୃଦ୍ଧି ପାଇଁ ବିଭିନ୍ନ ମାର୍ଗ ପ୍ରଦର୍ଶନ କରିପାରିଥିଲା ।

ସେଥିଲେ ଆମ ଓଡ଼ିଆ ଜାତିର ଏକ ଅମଳିନ ପ୍ରତିଭା । ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ବୟସ, ସେତେବେଳେ ସେ ହଠାତ୍ ଆପେଣ୍ଡିସ୍ ସାଇଟ୍ ରୋଗରେ ଆକ୍ରାନ୍ତ ହୋଇପଡିଲେ । ଅପରେସନ୍ ନହେଲେ ସେ ନିଶ୍ଚିତ ମୃତ୍ୟୁମୁଖରେ ପଡିବେ । ୧୯୨୩ ମସିହାର ସେହି ଏକ ବିବର୍ଣ୍ଣ ପ୍ରଭାତ । ଏହିଦିନ ପ୍ରଖ୍ୟାତ ରୋଗ ସର୍ଜନ ଡା. ପିବ୍ଲେର ତାଙ୍କଠାରେ ଅସ୍ତ୍ରୋପଚାର କରି ତାଙ୍କୁ ମୃତ୍ୟୁମୁଖରୁ ବଂଚାଇଥିଲେ । କଳିକା ଯେପରି କୁସୁମିତ ହୋଇ ତା'ର ରୂପ, ରସ ଓ ଗନ୍ଧରେ ଜନମନକୁ ହରଣ କରିଥାଏ, ସେହିପରି ବିଜୁବାବୁଙ୍କ ଜୀବନ କଳିକା କ'ଣ କୁସୁମିତ ନହୋଇ ଅକାଳରେ ଝଡିପଡ଼ିଥାନ୍ତା ! ଈଶ୍ୱରଙ୍କର ଅପାର କରୁଣା ତାଙ୍କ ଉପରେ ଅଜାଡି ହୋଇପଡ଼ିଥିଲା । ଏକ ମଧ୍ୟବିତ ପରିବାରରେ ଜନ୍ମ ହୋଇ ସୁସ୍ଥ ପରିବେଶ ମଧ୍ୟରେ ସେ ଆନନ୍ଦରେ ହସି ଖେଳି ପାଠ ପଢ଼ି ଚାଲିଲେ ।

୧୯୩୨ ମସିହାରେ ସେ ପାଟଣା ବିଶ୍ୱବିଦ୍ୟାଳୟରୁ ଏଂଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ୧ମ ଶ୍ରେଣୀରେ ଉ ର୍ଣ୍ଣ ହୋଇଥିଲେ । ଏହାପରେ ସେ କଟକ ରେଭେନ୍ସା କଲେଜରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢ଼ିଥିଲେ ।

ସୁଖର କଥା ପାଠପଢ଼ାରେ ସେ ଯେପରି ସୁନାମ ଅର୍ଜନ କରିଥିଲେ କଲେଜରେ କ୍ରୀଡା କ୍ଷେତ୍ରରେ ମଧ୍ୟ ସମସ୍ତ ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟିକରିଥିଲେ, ଯାହାକି ବହୁଦିନ ପର୍ଯ୍ୟନ୍ତ ତାଙ୍କ ରେକର୍ଡକୁ କେହି ଭଙ୍ଗକରି ପାରିନଥିଲେ । ତାଙ୍କ ପରି ଜଣେ ପ୍ରତିଥ ଯଶ ବ୍ୟକ୍ତିଙ୍କୁ ପାଇ ଓଡିଆ ଜାତି ଆଜି ନିଜକୁ ଧନ୍ୟ ମନେକରେ ।

ତାଙ୍କର ପ୍ରଗତିଶୀଳ ଅଗ୍ରଗାମୀ ଚିନ୍ତାଧାରା ପାଇଁ ସେ ଶିଳ୍ପପତିର ସମ୍ମାନ ଲାଭ କରିଥିଲେ । ରାଜନୈତିକ ଶାସନକାଳ ଭିତରେ ସେ ବୈଜ୍ଞାନିକର ସ୍ୱର ଉ ାଳନକରି ଓଡିଆ ଜାତିର ସର୍ବାଙ୍ଗୀନ ଉନ୍ନତିର ଉଦ୍ୟମ ଚଳାଇବାକୁ ଜୀବନର ଶେଷ ମୁହୂ ର୍ ପର୍ଯ୍ୟନ୍ତ ଭୁଲିନଥିଲେ । ଓଡିଆ ଜାତିର ସୁଖ, ଶାନ୍ତି କିପରି ବୃଦ୍ଧି ହେବ, ଏ ଜାତି ସମଗ୍ର ବିଶ୍ୱ ଦରବାରରେ କିପରି ପରିଚିତ ହୋଇପାରିବ,ଏ ସ୍ୱପ୍ନ ତାଙ୍କର ସାର୍ଥକ ହୋଇଛି କଳିଙ୍ଗ ପୁରସ୍କାର ପାଇଁ । ଭୁବନେଶ୍ୱରରେ ଓଡିଶା ଫ୍ଲାଇଙ୍ଗ୍ କ୍ଲବ୍ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ପାରିଥିଲା ।

କଟକ ରେଭେନ୍ସା କଲେରେ ଓ୍ୟାରଲେସ୍ ଟ୍ରେନିଙ୍ଗ୍‌ର ବ୍ୟବସ୍ଥା କରି ସେ ଓଡିଆ ଯୁବକ ମାନଙ୍କୁ ଉକ୍ତ ତାଲିମ୍ ପାଇବାରେ ସୁଯୋଗ ଦେବା ସଙ୍ଗେସଙ୍ଗେ ପାଣିଜାହାଜ ଓ ଉଡ଼ାଜାହାଜ ଆଦି ସଂସ୍ଥାରେ ନିଯୁକ୍ତ ପାଇବାର ପଥ ସୁଗମ କରି ପାରିଛନ୍ତି ।

ବେଳେ ବେଳେ ଆମ ଉତ୍କଳ ବିଶ୍ୱ ବିଦ୍ୟାଳୟର ଆଇ.ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇବାରେ ବହୁ ବିଳମ୍ବ ଘଟୁଥିଲା । ରାଜ୍ୟ ବାହାରେ ଥିବା ବିଭିନ୍ନ ଇଂଜିନିୟରିଂ କଲେଜରେ ଯଥାସମୟରେ ଅଧ୍ୟୟନ କରିବାପାଇଁ ଛାତ୍ର ମାନଙ୍କ ଆବେଦନ କରିବାର ତାରିଖ ଚାଲି ଯାଉଥିଲା । ଯାହାଫଳରେ କି ଓଡ଼ିଶାର କୃତୀ ଛାତ୍ରମାନେ ଉକ୍ତ କଲେଜ ମାନଙ୍କରେ ନାମ ଲେଖାଇବାର ସୁଯୋଗରୁ ବଂଚିତ ହେଉଥିଲେ । ଅତିବ ଗର୍ବ ଓ ଗୌରବର କଥାଏହି ସମସ୍ୟାର ସମାଧାନ କରିବାକୁ ଯାଇ ରାଉଲକେଲା ଠାରେ ଏକ ଇଞ୍ଜିନିୟରିଂ କଲେଜ ସ୍ଥାପନ କରି ବିଜୁବାବୁ ଆଜି ବହୁ ପ୍ରତିଭାଧାରୀ ଓଡ଼ିଆ ପିଲାଙ୍କୁ ସେଠାରେ ଅଧ୍ୟୟନ କରିବାର ସୁଯୋଗ ଦେଇ, ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି । ବ୍ରହ୍ମପୁର ଓ ସମ୍ବଲପୁର ଠାରେ ଯଥାକ୍ରମେ ଭଞ୍ଜବିହାର ଓ ଜ୍ୟୋତିବିହାର ନାମକ ଦୁଇଟି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାରେ ବିଜୁବାବୁଙ୍କ ଭୂମିକା ଅବିସ୍ମରଣୀୟ । ଓଡିଆ ପିଲାଏ କିପରି ଅଧିକ ଶୃଙ୍ଖଳିତ ହୋଇ ଦେଶ ଓ ଜାତିର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିପାରିବେ, ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଯାଇ ସେ ଭୁବନେଶ୍ୱର ଠାରେ ଏକ ସୈନିକ ସ୍କୁଲ୍ ଓ ଡି.ଏମ୍.ସ୍କୁଲ୍ ପ୍ରତିଷ୍ଠା କରିଥିଲେ । ବିଶେଷ ଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନ୍ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଯାଇଛନ୍ତି । ଏହା କେବଳ ତାଙ୍କର ପ୍ରଗାଢ଼ ଉତ୍ସାହ ଓ ଉଦ୍ୟମ ଯୋଗୁ ସମ୍ଭବ ହୋଇ ପାରିଛି ।

ଓଡିଶାକୁ ଏକ ଶିଳ୍ପୋନ୍ନତି ରାଜ୍ୟରେ ପରିଣତ କରିବାକୁ ଯାଇ ବିଜୁବାବୁ ଚୌଦ୍ୱାରରେ କଳିଙ୍ଗ ଟିଉବ୍‌ସ ଏବଂ ଓ.ଟି.ଏମ୍ ଲୁଗାକଳ ସ୍ଥାପନ କରି ଏ ରାଜ୍ୟର ପ୍ରକୃତ ଉନ୍ନତି ସାଧନ କରିଯାଇଛନ୍ତି । ଦିନ ଥିଲା ଯେତେବେଳେ କି ଆମ ଓଡ଼ିଶା କେବଳ ଜଗତର ନାଥ ଜଗନ୍ନାଥଙ୍କ ନାମରେ ରାଜ୍ୟ ବାହାରେ ପରିଚିତ ହେଉଥିଲା । ଓଡ଼ିଶା ଆଜି କିନ୍ତୁ ପାରାଦ୍ୱୀପ ବନ୍ଦର ଯୋଗୁ ସମଗ୍ର ପୃଥିବୀରେ ସୁପରିଚିତ । ତେବେ ପାରାଦ୍ୱୀପ ବନ୍ଦର ଜନ୍ମ ଜାତକରୁ ଜଣାଯାଏ ଯେ ୧୯୪୮ ମସିହାରେ ଭାରତ ସରକାରଙ୍କ ପୋର୍ଟ ଟେକ୍‌ନିକାଲ୍ କମିଟି ଓ ୧୯୫୧ ମସିହାରେ କେନ୍ଦ୍ର ଜଳ ବିଦ୍ୟୁତ କମିଶନ ଏବଂ ଫରାସୀ ଟେକ୍‌ନିକାଲ୍ କମିଶନଙ୍କ ରିପୋର୍ଟ ଥିଲା ବନ୍ଦର ନିର୍ମାଣ ପାଇଁ ମହାନଦୀ ମୁହାଣ ହିଁ ଉପଯୁକ୍ତ ସ୍ଥାନ । ଏହି ରିପୋର୍ଟ ଫଳରେ ପାରାଦ୍ୱୀପରେ ଏକ କ୍ଷୁଦ୍ର ବନ୍ଦର ନିର୍ମାଣ କରିବାପାଇଁ ପ୍ରସ୍ତାବ ହୋଇଥିଲା ।

ଏହାପରେ ୧୯୫୪ ମସିହା ଅପ୍ରେଲ ମାସରେ ପୁନା ଠାରେ ସ୍ୱର୍ଗତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ବନ୍ଦର ବୋର୍ଡର ବୈଠକରେ ଏହି ପରିକଳ୍ପନାକୁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସ୍ୱର୍ଗତ ଶାସ୍ତ୍ରୀଜୀ ଆବଶ୍ୟକ ଅର୍ଥ ମଂଜୁର କରି ସାଧବପୁଅର ରାଜ୍ୟରେ ପାରାଦ୍ୱୀପ ଠାରେ ନୂତନ ରୂପରଙ୍ଗରେ ଏହି ବନ୍ଦରକୁ ତୋଳି ଦେଲେ ଏ ଜାତିର ହାତରେ ।

୧୯୫୮ ମସିହା ଜାନୁୟାରୀ ମାସରେ ପାରାଦ୍ୱୀପ ଏକ କ୍ଷୁଦ୍ର ବନ୍ଦର ରୂପେ ସ୍ୱୀକୃତି ଲାଭ କଲାପରେ ୧୯୬୨ ମସିହା ଜାନୁୟାରୀ ୩ ତାରିଖରେ ଭାରତର ସର୍ବ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ଏହି ବୃହତ୍ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା । ବିଶେଷ ଗର୍ବ ଓ ଗୌରବର କଥା ଯେ ଠିକ୍ ଏହି ସମୟରେ ବିଜୁବାବୁ ଥିଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ । ଏହି ବନ୍ଦରର ସର୍ବାଙ୍ଗୀନ ଉନ୍ନତି ନିମି ତାଙ୍କର ଉଦ୍ୟମ, ଉତ୍ସାହ ଓ ନିଷ୍ଠା ଏ ଜାତିର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା ଯୁଗ ଯୁଗକୁ ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ବଡ଼ମଣିଷଙ୍କ ପରିଚୟ ମଧ୍ୟ ତାଙ୍କ ପିଲାଦିନରୁ ହିଁ ଜଣା ପଡିଥାଏ । ବିଜୁବାବୁ ଯେ ଦିନେ ଓଡ଼ିଶାର ବରପୁତ୍ର ରୂପେ ପୂଜା ପାଇବେ, ଏକଥା ତାଙ୍କ ଛାତ୍ର ଜୀବନରୁ ହିଁ ଜଣା ପଡ଼ିଥିଲା । ବିଜୁବାବୁ ଯେତେବେଳେ କଟକ ରେଭେନ୍ସା କଲିଜିଏଟ୍‌ର ଛାତ୍ର, ଠିକ୍ ସେହି ସମୟରେ ନଈବଢ଼ିରେ ବରି ଅଂଚଳର ବିପନ୍ନ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଖଣ୍ଡେ ଦେଶୀ ଡଙ୍ଗା ଧରି ଉତ୍କଳମଣି ଗୋପବନ୍ଧୁ ଚୁଡା ଚାଉଳ ଆଦି ରିଲିଫ୍ ସାମଗ୍ରୀ ଧରି ବାଂଟିବାକୁ ଯାଉଥିଲେ । ସାଙ୍ଗରେ ତାଙ୍କର ଦଳେ ସ୍ୱେଚ୍ଛାସେବୀ କଲେଜ ଛାତ୍ର ମଧ୍ୟ ଯାଇଥାନ୍ତି । ବଢ଼ିଲା ନଈ । ଆକାଶରେ ଟାଣ ମେଘୁଆ ଖରା । ଏଥିପାଇଁ ଉତ୍କଳମଣିଙ୍କ ହାତରେ ଥିଲା ଖଣ୍ଡେ କପଡାଛତା । ଦୈବାତ୍ ସେହି ଛତାଟିକୁ ପବନ ତାଙ୍କ ହାତରୁ ଛଡାଇନେଇ ବଢ଼ିଲା ନଈରେ ପକାଇଦେଲା । ତା'ପରେ ପରେ ଡବ୍ କରି ଏକ ଶବ୍ଦ ହେଲା । ଦେଖାଗଲା ବିଜୁ ପଟ୍ଟନାୟକ ସେହି ଛତାଟିକୁ ଆଣିବାପାଇଁ ନଈ ସୁଅରେ ଧାଇଁଛନ୍ତି । ଏ ଦୃଶ୍ୟ ଦେଖି ସାଥୀମାନେ ସିନା ଛାନିଆ ହୋଇ ଯାଇଥିଲେ କିନ୍ତୁ ଉତ୍କଳମଣିଙ୍କ ଆଖିରୁ ଧାର ଧାର ଲୁହ ଛୁଟିଥିଲା । କିଛି ସମୟ ପରେ ବିଜୁବାବୁ ସେ ଛତାଟିକୁ ଧରି ଉଜାଣି ସୁଅରେ ଛୁଟି ଆସି ଡଙ୍ଗାକୁ ଉଠିଯାଇ ଆନନ୍ଦରେ ଛତାଟିକୁ ଗୋପବନ୍ଧୁଙ୍କ ହାତକୁବଢ଼ାଇ ଦେଇଥିଲେ । ହେଲେ ଗୋପବନ୍ଧୁ ତାଙ୍କୁ କୋଳକୁ ଟେଳିନେଇ ଲୁହ ଛଳଛଳ ଆଖିରେ ଶୁଣାଇଥିଲେ – ବାପ, ଏ ସାମାନ୍ୟ ଛତା ଖଣ୍ଡିକ ପାଇଁ ତୁ ଏତେବଡ଼ ଦୁର୍ଲ୍ଲଭ ଜୀବନକୁ ହରାଇ ଦେବାକୁ ଯାଉଥିଲୁ ।

ନିର୍ଭୀକ ଛାତ୍ର ବିଜୁବାବୁ ବିନୀତ ସ୍ୱରରେ ଶୁଣାଇଥିଲେ – ଆଜ୍ଞା, ମୋ ଜୀବନ ଠାରୁ ଅଧିକ ମୂଲ୍ୟବାନ ଆପଣଙ୍କର ଏଇ ଛତା ଖଣ୍ଡିକ । ଏତିକିରେ ଗୋପବନ୍ଧୁଙ୍କର ଅଶେଷ ଆଶୀର୍ବାଦ ଅଜାଡି ହୋଇପଡିଥିଲା ତାଙ୍କ ଉପରେ । ଅନ୍ୟ ଏକ ଦିନର ଘଟଣା । ଖ୍ରୀଷ୍ଟ କଲେଜିଏଟ୍ ସ୍କୁଲ୍‌ର ଶତବାର୍ଷିକ ଉତ୍ସବ ୩ ଦିନଧରି ପାଳିତ ହେଉଥାଏ । ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ଏହି ଉତ୍ସବରେ ଯୋଗ ଦେଇଥିଲେ ବିଜୁବାବୁ । ସ୍କୁଲ୍‌ର ୧୪ ଶହ ଛାତ୍ରଛାତ୍ରୀ, ଶହ ଶହ ନିମନ୍ତ୍ରିତ ଅତିଥି ତଥା ଅଭିଭାବକଙ୍କୁ ନେଇ ସ୍କୁଲ୍ ପ୍ରାଙ୍ଗଣଟି ଆନନ୍ଦ ମୁଖର ହୋଇଉଠୁଥାଏ । ସେଦିନ ଏହି ସଭାମଂଚର ଆଦ୍ୟ ଆକର୍ଷଣ ଥିଲା, ସ୍କୁଲ୍‌ର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ କଣ୍ଠରେ ସମବେତ କଣ୍ଠସଂଗୀତ । ଅତିଥିମାନେ ମଂଚାସୀନ ହେଲେଣି, ଆଉ ମାତ୍ର ଅଳ୍ପ ସମୟ ପରେ କୋରସ୍ ଆରମ୍ଭ ହେବ । ଏହି ସମୟରେ କେତେକ ତଳଶ୍ରେଣୀର ଛାତ୍ର ନିଜ ନିଜ ମଧ୍ୟରେ କଥାବାର୍ତା ହେଉଥିବାର ଦେଖି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଖୁବ୍ ଚତୁରତାର ସହ ପିଲାମାନଙ୍କୁ ପାଟି ବନ୍ଦ କରିବାପାଇଁ ନାଲିଆଖି ଦେଖାଉଥିଲେ।

ବିଜୁବାବୁ ସଭାମଂଚରେ ଥାଇ ଏ ଦୃଶ୍ୟକୁ ବେଶ୍ ଅନୁଧ୍ୟାନ କରୁଥାନ୍ତି । ସଭାକାର୍ଯ୍ୟ ଆରମ୍ଭ ହୋଇନଥିଲେ ମଧ୍ୟ ବିଜୁବାବୁ ହଠାତ୍ ଉଠିପଡି ନିଜର ଭାଷଣ ଆରମ୍ଭ କରି ଶୁଣାଇଥିଲେ, "ପିଲାଏ, ତୁମେ ସବୁ ମୋର ଅତି ଆଦରର ପ୍ରିୟଭାଇ, ଭଉଣୀ । ଦିନେ ମୁଁ ତୁମରି ପରି ଏହି ସ୍କୁଲ୍‌ର ଛାତ୍ର ଥିଲି । ଆଜି ତୁମେ ଯେପରି ପାଟିତୁଣ୍ଡ କରୁଛ, ଆମେସବୁ ସେହିପରି ପାଟିତୁଣ୍ଡ କରୁଥିଲୁ । ତୁମ୍ଭମାନଙ୍କ ଠାରୁ ଅଧିକ ଦୁଷ୍ଟ ଥିଲି ମୁଁ । ଏହି ସ୍କୁଲ୍‌ରେ ଦିନକର ଘଟଣା । ସେଦିନ ବାରବାଟୀ କିଲ୍ଲା ଭିଲେଜ ଗ୍ରାଉଣ୍ଡରେ ଏକ ହେଲିକେପ୍ଟର ଓହ୍ଲାଇଲା । ତାକୁ ଦେଖିବାପାଇଁ ମୁଁ ଆନନ୍ଦରେ ଅଧୀର ହୋଇ ଉଠିଲି । ଭୂଗୋଳ ପିରିୟଡ । ସାର୍ ଭୂଗୋଳ ପଢ଼ାଉଥାନ୍ତି, ମୁଁ ସାର୍‌ଙ୍କ ଅନୁମତି ନନେଇ କ୍ଲାସ୍‌ରୁ ପଳାଇଗଲିଂ । ଭିଲେଜ୍ ଗ୍ରାଉଣ୍ଡରେ ପହଁଚି ହେଲିକେପ୍ଟରରେ ହାତ ମାରିଦେଲି । ସଂଗେ ସଂଗେ ପୁଲିସ୍‌ର ଲାଠି ପ୍ରହାର ମୋ ପିଠିରେ ହୋଇଗଲା । ଦୁଷ୍ଟାମୀ କରିଥିବାରୁ ଏପଟେ ପୁଲିସ୍ ଓ ସେପଟେ ସାର୍‌ଙ୍କ ଠାରୁ ଶାସ୍ତି ସିନା ପାଇଲି, ହେଲେ ସେଦିନ ମନେ ମନେ ଶପଥ କରିଥିଲି, ଦିନେ ନା ଦିନେ ମୁଁ ନିଶ୍ଚୟ ଉଡାଜାହାଜ ଚାଳକ ହେବି । ଈଶ୍ୱରଙ୍କ କୃପାରୁ ମୁଁ ଆଜି ଜଣେ ଦକ୍ଷ ପାଇଲଟ୍ ହୋଇପାରିଛି ।

ତେଣୁ ପିଲା ଏ ତୁମେ ସବୁ ଦୁଷ୍ଟାମୀ କର, ହେଲେ ସେହି ଦୁଷ୍ଟାମୀ ଭିତରେ ଜଣେ ବଡ଼ମଣିଷ ହେବାର ଆଶା ରଖ । ଏତିକି କହି ବିଜୁବାବୁ ବସି ପଡ଼ିଥିଲେ । ଏହାପରେ ଘନଘନ କରତାଳି ଧ୍ୱନିରେ ଏହି ଐତିହାସିକ ସାଂସ୍କୃତିକ ଉତ୍ସବର ପରିବେଶ ଆନନ୍ଦମୁଖର ହୋଇ ଉଠିଥିଲା ଏବଂ ପିଲାମାନେ ଶାନ୍ତ, ନୀରବ ବାତାକରଣ ସୃଷ୍ଟି କରିପାରିଥିଲେ । ବିଜୁବାବୁ ଥିଲେ ଓଡିଆ ଜାତିର ଏକ ଅଲିଭା ପ୍ରଦୀପ । ସେ ପ୍ରଦୀପ ଯୁଗ ଯୁଗ ଧରି ଏ ଜାତିର ପ୍ରଗତି ପଥକୁ ଆଲୋକିତ କରୁଥାଉ । ତାଙ୍କ ଅମର ଆତ୍ମାର ଜୟଗାନ ଏ ଦେଶର ଗଗନ ପବନକୁ ଏହିପରି ମୁଖରିତ କରୁଥାଉ ।

*ପାରାଦ୍ୱୀପଗଡ, ଜିଲ୍ଲା-ଜଗତ୍‌ସିଂହପୁର*
*ମୋ - ୯୯୩୭୬୯୧୪୭୫*




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା । ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ । ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି । ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର । ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି । ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ । ଭୀମ ଭୋଇ ନିଜ ଇଚ୍ଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ । ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ । ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ । ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା । ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ' । ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ । ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ । ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ । ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି । ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା । ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ । ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା । ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ । ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା । ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ । ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା । ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ । ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି । ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ । ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି । ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର । ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ । ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି । ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ । ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ । କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ । ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି । ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ । ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ । ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି । ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି । ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି । ଏହାର ସଂଳାପ ଲେଖିଛନ୍ତି ଟୁକୁନା । ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି ।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ



ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ । ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ



ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ । ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ



ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି



ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ



ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ । କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ



ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ । ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢ଼ିଆଳିର ରଘୁନାଥ ଜିୟୁ ରାମନାଟ ସଂସଦ ପକ୍ଷରୁ ଲବକୁଶ ଜନ୍ମ



ପରିବେଷଣ କରାଯିବ । ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ



ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଟ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦାଶିବ



ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# କଂଗ୍ରେସ ଦଳରେ ଜିଲ୍ଲା ସଂଗଠନକୁ ଅଧିକ ଗୁରୁତ୍ୱ ଓ କ୍ଷମତା ପ୍ରଦାନ କରାଯିବ

ଭୁବନେଶ୍ୱର: କଂଗ୍ରେସ ଦଳର ସଂଗଠନକୁ ଅଧିକ ମଜଭୁତ ଓ ସକ୍ରୀୟ କରିବା ପାଇଁ ଜିଲ୍ଲା ସଂଗଠନକୁ ଅଧିକ ଗୁରୁତ୍ୱ, ମହତ୍ୱ ଓ କ୍ଷମତା ଦିଆଯିବ ଏବଂ ନିର୍ବାଚନରେ ପାର୍ଥୀ ଚୟନ କ୍ଷେତ୍ରରେ ଜିଲ୍ଲା ସଭାପତି ମାନଙ୍କର ମତାମତକୁ ଅଧିକ ଗୁରୁତ୍ୱ ଦିଆଯିବ। ଜିଲ୍ଲା ସଭାପତି ଓ ଜିଲ୍ଲାସଂଗଠନକୁ ଅଧିକ ସକ୍ରୀୟ ଓ ସ୍ୱାବଲମ୍ବି କରିବା ପାଇଁ ଜିଲ୍ଲା ସ୍ତରରେ ଏକ ଦଳୀୟ ପାଣ୍ଠି ସୃଷ୍ଟି କରାଯିବ। ଆଗାମୀ ମଇ ମାସ ମଧ୍ୟରେ ଗୁଜୁରାଟରେ ଓ ୨୦୨୫ ମଧ୍ୟରେ ସମଗ୍ର ଦେଶରେ ନିରପକ୍ଷ ଭାବରେ ଜିଲ୍ଲା ସଭାପତି ଚୟନ କରାଯିବ। କଂଗ୍ରେସ କାର୍ଯ୍ୟକାରୀ କମିଟିର ପ୍ରସ୍ତାବ ଓ ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତି ଅନୁଯାୟୀ ଏହି ଐତିହାସିକ ନିଷ୍ପତିକୁ ଏକ ଆଗୁଆ ଯୋଜନା ଭାବେ ଗୁଜୁରାଟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ସାରା ଦେଶରୁ ୪୧ ଜଣ ଅଭିଜ୍ଞ କଂଗ୍ରେସ ଦଳ ନେତାଙ୍କୁ ଚୟନ କରାଯାଇଛି। ସେମାନେ ମଇ ୮ ତାରିଖ ମଧ୍ୟରେ ରିପୋର୍ଟ ଦେବେ। ରିପୋର୍ଟ ଦେବା ପରେ ଏ ସଂପର୍କରେ ଚୂଡାନ୍ତ ନିଷ୍ପତି ନିଆଯିବ ବୋଲି କଂଗ୍ରେସର ନେତା ତଥା ଲୋକସଭାର ବିରୋଧ ଦଳର ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ଗତକାଲି ଗୁଜୁରାଟର ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ଅନୁଷ୍ଠିତ ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକଙ୍କ ବୈଠକରେ ଭାଗ ନେଇ କହିଛନ୍ତି। ଏହି ବୈଠକରେ କଂଗ୍ରେସ ଦଳର ସଂଗଠନ ସମ୍ପାଦକ କେ.ସି. ଭେନୁଗୋପାଳ, ଗୁଜୁରାଟର ପ୍ରଭାରୀ ମୁକୁଲବାସୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଗୋବିଲ୍ ଓ ବିରୋଧ ଦଳର ନେତା ପ୍ରମୁଖ ଯୋଗ ଦେଇଥିଲେ।

## Notice

By virtue of an affidavit sworn before the Executive Magistrate, Jagatsighpur dated 16.4.2025. I, Jayata Kumar Sahoo, S/o. Duryodhan Sahoo, resident of Village-Gahanapur, P.O-Radhua, P.S.-Raghunathpur, Dist-Jagatsinghpur declare that I have changed my son's name from Rituraj Sahoo (Old name) to Ruturaj Sahoo (New name) Henceforth he shall be know as Ruturaj Sahoo (New name ) for all purposes.

Jayanta Kumar Sahoo

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି। ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ। ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି। ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ। ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ। ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ। ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ। ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ। କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି। ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି। ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ। ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ। ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି, ତାହା କେବଳ ପରବର୍ତି ସମୟ ହିଁ କହିବ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖୋଜ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Thursday April 17 | ଭୁବନେଶ୍ୱର ଗୁରୁବାର, ୧୭, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

## କିମ୍ସରେ ମିନିମାଲି ଇନଭେସିଭ୍ ପଦ୍ଧତିରେ ସଫଳ ହୃଦ୍-ଅସ୍ତ୍ରୋପଚାର



ଭୁବନେଶ୍ୱର,(ପି.ଏନ): କିମ୍ସରେ ମିନିମାଲି ଇନ୍ଭେସିଭ୍ ପଦ୍ଧତିରେ ଜଟିଳ ହୃଦରୋଗର ସଫଳ ଅସ୍ତ୍ରୋପଚାର କରାଯାଇଛି। ନିକଟରେ ହୃତପିଣ୍ଡର ବାମ ଭାଗରେ ଗମ୍ଭୀର ମିଟ୍ରାଲ ଭଲଭ୍ ଷ୍ଟେନୋସିସ୍ ରୋଗରେ ପୀଡ଼ିତ ଜଣେ ୫୪ ବର୍ଷୀୟ ରୋଗୀଙ୍କଠାରେ ଏହି କୌଶଳରେ ସଫଳ ଅସ୍ତ୍ରୋପଚାର କରାଯାଇ ମିନିମାଲି ଇନଭେସିଭ୍ ମିଟ୍ରାଲ ଭାଲଭ୍ ଲଗାଯାଇଛି। କିମ୍ସର ହୃଦ୍‌ରୋଗ ସର୍ଜନ ଡା ଅମିତ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର ସଫଳ ହୋଇଛି। ସାଧାରଣତଃ ଏଭଳି ଅସ୍ତ୍ରୋପଚାର ପାଇଁ ଷ୍ଟର୍ନମ କାଟିବାକୁ ପଡ଼ିଥାଏ। ଏଥିଯୋଗୁଁ ପ୍ରାୟତଃ ଅସ୍ତ୍ରୋପଚାର ପରେ ଯନ୍ତ୍ରଣା ହେବା ସହ ଛାତିରେ ଦାଗ ରହିଯାଇଥାଏ। ଏହି ପଦ୍ଧତିରେ ପଞ୍ଜରାଗୁଡ଼ିକୁ ନ କାଟି ପଞ୍ଜରା ମଧ୍ୟରେ ଏକ ଛୋଟ ଛିଦ୍ର କରି ଅସ୍ତ୍ରୋପଚାର କରାଯାଇଥାଏ। ଫଳରେ ଖର୍ଚ୍ଚ ମଧ୍ୟ ଅପେକ୍ଷାକୃତ କମ୍ ହୋଇଥାଏ। ଏହି କୌଶଳ ଦ୍ୱାରା ଅସ୍ତ୍ରୋପଚାର ପରବର୍ତ୍ତୀ ଯନ୍ତ୍ରଣା ଯଥେଷ୍ଟ ହ୍ରାସ କରାଯିବା ସହ ରକ୍ତସ୍ରାବ ମଧ୍ୟ କମ ହୋଇଥାଏ ବୋଲି ଡା ଅଗ୍ରୱାଲ କହିଛନ୍ତି। ତେବେ ଏହି ପ୍ରକ୍ରିୟାରେ ଅସ୍ତ୍ରୋପଚାର ପାଇଁ ଡାକ୍ତର ସମ୍ପୂର୍ଣ୍ଣ ଅଭିଜ୍ଞ ଓ ଦକ୍ଷତାସମ୍ପନ୍ନ ହେବା ଆବଶ୍ୟକ ଏବଂ ଏଥିପାଇଁ ସ୍ୱତନ୍ତ୍ର ଅତ୍ୟାଧୁନିକ ଉପକରଣ ଆବଶ୍ୟକ ହୋଇଥାଏ ବୋଲି ସେ ପ୍ରକାଶ କରିଛନ୍ତି। କିମ୍ସରେ ଏଭଳି ପଦ୍ଧତିରେ ହୃଦ୍-ଅସ୍ତ୍ରୋପଚାର ହେବା ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ରୋଗୀଙ୍କୁ ଏଥିରୁ ସୁବିଧା ପାଇପାରିବେ ବୋଲି ଡା ଅଗ୍ରୱାଲ ସୂଚନା ଦେଇଛନ୍ତି।

## ଓଜନ ନିୟନ୍ତ୍ରଣ ରଖିବା ପାଇଁ ଆଲମଣ୍ଡ ସେବନ ଉପଯୋଗୀ



ଭୁବନେଶ୍ୱର,(ପି.ଏନ): ବିଶ୍ୱର ଅଗ୍ରଣୀ ସ୍ୱାସ୍ଥ୍ୟ ଓ ପୋଷଣ ବିଶେଷଜ୍ଞମାନେ ପ୍ରତିଦିନ ଆଲମଣ୍ଡ ଖାଇବା କାର୍ଡିଓମେଟାବୋଲିକ ସ୍ୱାସ୍ଥ୍ୟ ପାଇଁ ଲାଭ ଦାୟକ ବୋଲି ମତାମତ ଦେଇଛନ୍ତି । ୧୧ ଜଣ ବୈଜ୍ଞାନିକ ଓ ଚିକିତ୍ସକ ଆଲମଣ୍ଡ ଓ କାର୍ଡିଓମେଟାବୋଲିକ ସ୍ୱାସ୍ଥ୍ୟ ଉପରେ ଗବେଷଣା ତଥ୍ୟକୁ ବିଶ୍ଳେଷଣ କରି ସ୍ୱାସ୍ଥ୍ୟ ଉପରେ ଆଲମଣ୍ଡର ଗୁରୁତ୍ୱପୂର୍ଣ୍ଣ ଲାଭଗୁଡିକ ଉପରେ ଆଲୋକପାତ କରିଛନ୍ତି । ଉକ୍ତ ଗବେଷଣା ଅନୁଯାୟୀ, ପ୍ରତିଦିନ ଆଲମଣ୍ଡ ଖାଇବା ସୁସ୍ଥ ହୃଦୟ, ଓଜନ ପରିଚାଳନା ଓ ଗଟ୍ ମାଇକ୍ରୋବାୟୋମ ପାଇଁ ଉତ୍ତମ ଅଟେ । ଏହି ଅଧ୍ୟୟନର ଫଳାଫଳ ଅନୁଯାୟୀ, ଅଧିକ ଆଲମଣ୍ଡ ଖାଇବା ଦ୍ୱାରା (ପ୍ରତିଦିନ ପ୍ରାୟ ୧୮୦ଗ୍ରାମ) ତାହା କିଛି ଲୋକଙ୍କଠାରେ ଓଜନ ହ୍ରାସ ପାଇଁ ସାହାଯ୍ୟ କରିପାରେ । ପ୍ରତିଦିନ ଆଲମଣ୍ଡ ଖାଇବା ଦ୍ୱାରା ତାହା ଶରୀରରେ ଏଲଡିଏଲ-କୋଲେଷ୍ଟ୍ରଲ, ଡାଏଷ୍ଟୋଲିକ ବ୍ଲଡ ପ୍ରେସର, ରକ୍ତ ସର୍କରା ହ୍ରାସ କରିବା ସହ ଉପକାରୀ ଗଟ ବ୍ୟାକ୍ଟେରିଆ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।ମନୁଷ୍ୟ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା କ୍ଷେତ୍ରରେ ଆଲମଣ୍ଡର ଭୂମିକାକୁ ଉଲ୍ଲେଖ କରି ୟୁନିଭର୍ସିଟି ଅଫ୍ ୱାଶିଂଟନରେ ଏପିଡେମିଓଲୋଜିର ପ୍ରଫେସର ଏବଂ ବିଶ୍ୱର ଅଗ୍ରଣୀ ନ୍ୟୁଟ୍ରିସନ ଏକ୍ସପର୍ଟ, ଡଃ ଆଡାମ ଡ୍ରିନୌସ୍କି କହିଛନ୍ତି, ‘ ଆଲମଣ୍ଡଗୁଡିକ ଶକ୍ତିଶାଳୀ ପୋଷକତତ୍ୱ ପ୍ରଦାନ କରିଥାଏ ଏବଂ ଏହା ବିଶ୍ୱରେ ଅନ୍ୟତମ ସର୍ବାଧିକ ଗବେଷଣା କରାଯାଇଥିବା ଖାଦ୍ୟ ଅଟେ । ବିଶ୍ୱର କୋଣ ଅନୁକୋଣରୁ ଗବେଷକମାନେ ଆଲମଣ୍ଡ କାର୍ଡିଓମେଟାବୋଲିକ ରାଉଣ୍ଡଟେବୁଲରେ ଯୋଗ ଦେଇଥିଲେ । ଏହି ଗ୍ରୁପ ସର୍ବସମ୍ମତିକ୍ରମେ ଏକ ସିଦ୍ଧାନ୍ତରେ ପହଂଚିଛି ଯେ, ଆଲମଣ୍ଡ ସକାରାତ୍ମକ ଭାବେ କାର୍ଡିଓମେଟାବୋଲିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ ।‘ ସେହିପରି ଫର୍ଟିସ ସେଂଟର ଫର ଡାଏବେଟିସ, ଓବେସିଟି ଆଣ୍ଡ କୋଲେଷ୍ଟ୍ରଲ (ସି-ଡିଓସି)ର ଅଧ୍ୟକ୍ଷ ଏବଂ ନ୍ୟାଶନାଲ ଡାଏବେଟିସ ଓବେସିଟି ଆଣ୍ଡ କୋଲେଷ୍ଟ୍ରଲ ଫାଉଣ୍ଡେଶନ (ଏନଡିଓସି) ଇଣ୍ଡିଆର ମୁଖ୍ୟ, ଡଃ ଅନୁପ ମିଶ୍ର କହିଛନ୍ତି ଯେ, ‘ ଏସୀୟ ଭାରତୀୟଙ୍କ ମଧ୍ୟରେ କାର୍ଡିଓମେଟାବୋଲିକ ରୋଗର ପ୍ରବଣତା ବୃଦ୍ଧି ପାଉଥିବାରୁ ଆଲମଣ୍ଡ ଭଳି ପୋଷଣ ସମୃଦ୍ଧ, କମ ଗ୍ଲିସେମିକ ଖାଦ୍ୟଗୁଡିକ ଏଲଡିଏଲ କୋଲେଷ୍ଟ୍ରଲ, ଡାଏଷ୍ଟୋଲିକ ବ୍ଲଡ ପ୍ରେସର ଓ ଫାଷ୍ଟିଂ ବ୍ଲଡ ଗ୍ଲୁକୋଜ କମ କରିବାରେ ସାହାଯ୍ୟ କରିପାରେ । ନିକଟରେ କରାଯାଇଥିବା ଦୁଇଟି ଅଧ୍ୟୟନରେ ଦର୍ଶାଯାଇଛି ଯେ, ପ୍ରିଡାଇବେଟିସ ଓ ମେଦବହୁଳତା ଥିବା ଏସୀୟ ଭାରତୀୟଙ୍କ ପାଇଁ ରକ୍ତ ସର୍କରା ନିୟନ୍ତ୍ରଣ କରିବା ପାଇଁ ଆଲମଣ୍ଡ ଲାଭଦାୟକ ହୋଇଥାଏ ।‘ ନ୍ୟୁଟ୍ରିସନ ରିସର୍ଚ୍ଚ ଗ୍ରୁପ, ‘ ଭାରତରେ କାର୍ଡିଓମେଟାବଲିକ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢୁଥିବା ବେଳେ ଆଲମଣ୍ଡର ସେବନ ଏସୀୟ ଭାରତୀୟଙ୍କ ମଧ୍ୟରେ ଏଲଡିଏଲ କୋଲେଷ୍ଟ୍ରଲ, ଫାଷ୍ଟିଂ ବ୍ଲଡ ଗ୍ଲୁକୋଜ ଓ ଏଚବିଏ୧ସି ହ୍ରାସ କରିବାରେ ସାହାଯ୍ୟ କରିପାରେ ।

## ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଆର୍ଥିକ ଅନଗ୍ରସର ବୟୋବୃଦ୍ଧ ବ୍ୟକ୍ତିଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ସ୍ଥାନୀୟ ହରିଣ ପାର୍କ ପରିସରରେ ମଙ୍ଗଳବାର ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୧୫ଜ୍ଣ ଜଣ ଆର୍ଥିକ ଅନଗ୍ରସର ବୟୋବୃଦ୍ଧ ପୁରୁଷ ଓ ମହିଳା ମାନଙ୍କୁ ପାଣି ବୋତଲ, ଛତା, ବେଡ଼ସିଟ, ମଶୁରି ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଏବଂ ବନ୍ଦର ଉପ ସରଂକ୍ଷକ ଏ.ସି.ସାହୁ, ସିଏମଇ ଏସ. ନାହାକ, ସିନିଅର ଡିଟିଏମ ଏ.କେ.ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଏହି ଉପକରଣ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ସାକ୍ଷରତା ସମିତି ରଂ ସମ୍ପାଦକ ରାମ ଚ଼ନ୍ଦ୍ର ପ୍ରଧାନ ଓ ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ସଫଳତାର ସହ ପରିଚ଼ାଳନା କରିଥିଲେ । ତେବେ ସମିତି ର ଏପରି ମହତ କାର୍ଯ୍ୟକୁ ହିତାଧିକାରୀ ମାନେ ଉଚ୍ଚ ପ୍ରଶଂସା କରିଥିଲେ । ସୂଚ଼ନାଥାଉକି, ସମାଜର ଦୁର୍ବଳ ଶ୍ରେଣୀର ଉତଥାନ, ସାକ୍ଷରତା ଅଭିବୃଦ୍ଧି ଓ ସଚେତନତା, ବିଭିନ୍ନ ପ୍ରଶିକ୍ଷଣ ଦ୍ୱାରା ରୋଜଗାରକ୍ଷମ କରାଇବା ଇତ୍ୟାଦି ଲକ୍ଷ୍ୟ ନେଇ ପାରାଦୀପ ସାକ୍ଷରତା ସମିତି ଦୀର୍ଘ ୩୨ ବର୍ଷ ହେବ ସଫଳତାର ସହ କାର୍ଯ୍ୟ କରିଆସୁଛି । ପାରାଦୀପ ବନ୍ଦର ଦ୍ୱାରା ପ୍ରତିଷ୍ଠିତ ଏହି ସାମାଜିକ ଅନୁଷ୍ଠାନ ର ଏହି ମହତ କାର୍ଯ୍ୟ କୁ ସାଧାରଣରେ ସାଧୁବାଦ ଦିଆଯିବା ସହ ଆଗାମୀ ଦିନରେ ସମିତି ତାର କାର୍ଯ୍ୟଧାରା ବଜାୟ ରଖିବା ନେଇ ଆଶା କରାଯାଉଛି । ତେବେ ପାରାଦୀପ ବନ୍ଦର ତାର ପଣ୍ୟ କାରବାର ଓ ବ୍ୟବସାୟ ରେ ଉନ୍ନତି ସହ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେଉଥିବା ଏପରି ସାମାଜିକ କାର୍ଯ୍ୟରୁ ପ୍ରତୀୟମାନ ହେଉଥିବା ଜଣାପଡିଛି ।

## ମୋଦୀ ଓ ଶାହାଙ୍କ ମନମୁଖି କାର୍ଯ୍ୟକଳାପକୁ ନେଇ ଇ.ଡ଼ି କାର୍ଯ୍ୟାଳୟକୁ ଘେରାଲା କଂଗ୍ରେସ




ଭୁବନେଶ୍ୱର, (ପି.ଏନ): ମୋଦୀ ସରକାର ଅନ୍ୟାୟ ଭାବରେ “ନ୍ୟାସନାଲ ହେରାଲ୍ଡ” ସମ୍ବାଦ ପତ୍ରର ସମ୍ପତ୍ତିକୁ ଜବତ ଏବଂ କଂଗ୍ରେସ ଦଳର ନେତୃବର୍ଗଙ୍କ ବିରୁଦ୍ଧରେ ମନମୁଖୀ ଚାର୍ଜସିଟ୍ ଦାଖଲ କରିଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ସମସ୍ତ ଜିଲ୍ଲା କଂଗ୍ରେସ ସମସ୍ତ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଦର ମହକୁମାରେ ଥିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୋଦୀ ସରକାରଙ୍କର ମନମାନି, ପ୍ରତିହିଂସା ଓ ଅତ୍ୟାଚାର ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷିରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱରସ୍ଥିତ ଇ.ଡି. କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାସଙ୍କ ତତ୍ୱାବଧାନରେ ଏହି ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ମୋଦୀ ସରକାର ମନମୁଖି କାର୍ଯ୍ୟକ୍ରମକୁ ନେଇ ଦୃଢ଼ ନିନ୍ଦା କରିବା ସହିତ ମୋଦୀ ଓ ଶାହାଙ୍କ ନିର୍ଦ୍ଦେଶରେ ଇ.ଡି. ଏକ ମିଛ ମାମଲାରେ ଅଭିଯୁକ୍ତ ଫର୍ଦ୍ଦ ଦାଖଲ କରିଛି। ଏହି ଘଟଣା ଭାରତ ବର୍ଷର ସମସ୍ତ ଆଇନ ଓ କାନୁନ୍ ବ୍ୟବସ୍ଥାର ଖୁଲମ୍‌ଖୋଲା ଉଲଘଂନ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେଉଁ ନ୍ୟାସନାଲ ହେରାଲ୍ଡ ସମ୍ପତି ଓ ଅର୍ଥ ହେରେଫେର କଥା କୁହାଯାଉଛି ଏହି ଘଟଣାରେ ଏକ ଟଙ୍କାର କାରବାର ହୋଇନାହିଁ। ୟଙ୍ଗ ଇଣ୍ଡିଆ କମ୍ପାନୀ ଏକ ବିନା ଲାଭକାରୀ କମ୍ପାନୀ ଅଟେ। ଏହି କମ୍ପାନୀ ୨୫ ଧାରା ଅନୁସାରେ ପରିଚାଳିତ। ଏହି କମ୍ପାନୀର ନିର୍ଦ୍ଦେଶକମାନେ କୌଣସି ପ୍ରକାର ଦରମା ନିଅନ୍ତି ନାହିଁ। ଏହି କମ୍ପାନୀ କୌଣସି ଲାଭ କରେ ନାହିଁ। ଏହି କମ୍ପାନୀ କୌଣସି ବ୍ୟବସାୟୀକ କାରବାରରେ ଲିପ୍ତ ରୁହେ ନାହିଁ। ଯଦି ୧ ଟଙ୍କାର କାରବାର ହୋଇନାହିଁ ଏବଂ କୌଣସି ସମ୍ପତି ହସ୍ତାନ୍ତର ହୋଇନାହିଁ, ତାହାଲେ ଅର୍ଥ ହେରେଫେର କଥା ଆସିଲା କେଉଁଠୁ? ୧୯୩୮ ମସିହାରେ ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମର ସମସ୍ତ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ପାଖରେ ପହଂଚାଇବା ପାଇଁ ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଆସୋସିଏଟେଡ୍ ଜୋର୍ନାଲ୍ ଲିମିଟେଡ କମ୍ପାନି ଗଠନ କରିଥିଲେ। ଏହି କମ୍ପାନୀ ଦ୍ୱାରା ନବଜୀବନ ପତ୍ରିକା ଓ ନ୍ୟାସନାଲ ହେରାଲ୍ଡ ଖବକର କାଗଜ ପ୍ରକାଶିତ ହେଉଥିଲା। ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାକୁ ଦେଶର ଜନସାଧାରଣ ଓ ବିଦେଶରେ ଥିବା ଲୋକମାନଙ୍କ ପାଖରେ ପହଂଚାଇବା ହେଉଛି ଏହି ଖବର କାଗଜର ମୂଳ ଉଦ୍ଦେଶ୍ୟ। ଏଥିପାଇଁ ପଣ୍ଡିତ ନେହେରୁ ନିଜର ପୈତୃକ ଜାଗା ଲକ୍ଷ୍ନୌଠାରେ ପତ୍ରିକା ପ୍ରକାଶନ ପାଇଁ ଦେଇଥିଲେ। ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇନଥିଲେ ଏବଂ ବିଟ୍ରିଶ ସରକାର ପାଇଁ ଗୋଲାମୀ କରୁଥିଲେ ଆଜି ସେମାନେ ଏହି ଘଟଣାକୁ ନେଇ କ୍ଷମତାର ଅପବ୍ୟବହାର କରି ମିଛ ମାମଲା ଦାୟର କରୁଛନ୍ତି। ରାହୁଲ ଗାନ୍ଧୀ କହିଛନ୍ତି “ଡରୋ ମତ୍”। କଂଗ୍ରେସ ନେତୃବର୍ଗ ଭୟ ବା ଡରିଯିବା ନୁହଁନ୍ତି। ସେ କହିଛନ୍ତି ମୋଦୀ ସରକାର ଅନ୍ୟାୟ ଭାବରେ ନ୍ୟାସନାଲ ହେରାଲ୍ଡକୁ ସମ୍ପତିକୁ ଜବତ କରିବା ଏବଂ କଂଗ୍ରେସ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ବିରୁଦ୍ଧରେ ଚାର୍ଜସିଟ୍ କରିବା ନିନ୍ଦନୀୟ। ଏହା ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ ବରଂ ଏହା ଆଇନର ଶାସନ ଆଳରେ ସରକାରଙ୍କ ପ୍ରାୟୋଜିତ ଅପରାଧ ବୋଲି ଶ୍ରୀଯୁକ୍ତ ଦାସ କହିଛନ୍ତି। ସେ କହିଛନ୍ତି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସମ୍ମାନନୀୟା ଶ୍ରୀମତୀ ସୋନିଆ ଗାନ୍ଧୀ, ଲୋକସଭାର ବିରୋଧିଦଳର ନେତା ସମ୍ମାନନୀୟ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃମଣ୍ଡଳୀଙ୍କ ବିରୁଦ୍ଧରେ ଏବେ ଯେଉଁ ଚାର୍ଜସିଟ୍ ଦାଖଲ ହୋଇଛି ସେଥିରେ ସାଙ୍ଘାତିକ ଭାବେ ସରକାରୀ କ୍ଷମତାର ଅପବ୍ୟବହାର ହୋଇଛି। ଏହା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଥିବା ବିରୋଧି ଦଳର ବିଚାର ଉପରେ ସିଧାସଳଖ ଆକ୍ରମଣ। ବେପରୁଆ ଓ ସ୍ୱେଚ୍ଛାଚାରୀ ହୋଇପଡିଥିବା ଶାସକ ଦଳର ଏହା ରାଜନୈତିକ ଫାଇଦା ପାଇଁ ଏକ ଅପଚେଷ୍ଟା। ଏହା ଅତି ନିକୃଷ୍ଟ ପ୍ରତିହିଂସା ପରାୟଣ ରାଜନୀତି ବୋଲି ସେ କହିଛନ୍ତି। କଂଗ୍ରେସ ଦଳ ଏବଂ ଏହାର ନେତୃତ୍ୱ ନୀରବ ରହିବେ ନାହିଁ। ଆମେ ଭାରତର ଆତ୍ମା ପାଇଁ ପୂର୍ବରୁ ଲଢ଼େଇ କରିଛୁ ଏବଂ ଆଉଥରେ ଏହି ଲଢ଼େଇ କରିବୁ। ସତ୍ୟ, ନ୍ୟାୟ ଏବଂ ସାମ୍ବିଧାନିକ ଲୋକତନ୍ତ୍ରର ମୂଲ୍ୟ ସହ ଆମେ ସାଲିସ କରିବୁ ନାହିଁ। “ସତ୍ୟମେବ ଜୟତେ” ଆମ ପାଇଁ କେବଳ ଏକ ସ୍ଲୋଗାନ ନୁହେଁ-ଏହା ଏକ ଦୃଢ଼ ବିଶ୍ୱାସ। ସତ୍ୟ ଓ ଗଣତନ୍ତ୍ରଙ୍କୁ ରକ୍ଷା କରିବା ସହ ସ୍ୱେଚ୍ଛାଚାରିତାକୁ ସାହାସର ସହ ସାମ୍ନା କରିବା ପାଇଁ ଏକତ୍ରୀତ ହେବାର ସମୟ ଆସିଛି। ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ମହମ୍ମଦ ମୁକିମ୍, ସୁରେଶ କୁମାର ରାଉତରାୟ, ନକୁଳ ନାୟକ, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ସିପ୍ରା ମଲ୍ଲିକ, ବାଙ୍କନିଧି ବେହେରା, ରଞ୍ଜିତ ପାତ୍ର, ଉଦ୍ଦିତ ପ୍ରଧାନ, ସୁଧାଂଶୁ ଦେଓ, ତରୁଣ ମିଶ୍ର, ରଜନୀ ମହାନ୍ତି, ସୋନାଲି ସାହୁ, ଜୟଶ୍ରୀ ପାତ୍ର, ରାଜୀବ ପଟ୍ଟନାୟକ,ବିଶ୍ୱରଞ୍ଜନ ମହାନ୍ତି, ସୁବ୍ରତ ମହାପାତ୍ର, ଦୀପକ କୁମାର ମହାପାତ୍ର, ଅଶୋକ ଦାସ, ଶାନ୍ତନୁ ସାହୁ, ଜୟକୃଷ୍ଣ ସୁବୁଧି, ମଧୁସ୍ମିତା ଆଚାର୍ଯ୍ୟ, ମଧୁସ୍ମିତା ସେଠୀ, ସଂଗ୍ରାମ ମହାନ୍ତି,ବିନୁ ପାଣି, ସୁଶାନ୍ତ ତ୍ରିପାଠୀ, ପ୍ରଣତୀ ମିଶ୍ର, ମାନସ ମଲ୍ଲିକ, ମନୀଶା ଦାସ ପଟ୍ଟନାୟକ,ସୁଧାଂସୁ ମହାନ୍ତି, ସିଲି ସେଠୀ,ଲିଙ୍ଗରାଜ ସାହୁ, ଚିନ୍ମୟ ସୁନ୍ଦର ଦାସ, ରାଜକିଶୋର ବାରିକ, ପ୍ରତାପ ପ୍ରଧାନ, ମିହିର ଆଚାର୍ଯ୍ୟ, ମନୋରଞ୍ଜନ ରାଉତରାୟ, ପ୍ରଶାନ୍ତ ଚମ୍ପତି ପ୍ରମୁଖ ବହୁ ଛାତ୍ର, ଯୁବ ଓ ମହିଳା କଗ୍ରେସ କର୍ମୀ ଯୋଗଦେଇଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray